


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





+Vol - 22+ Issue No:81+ 13 July 2026 (Monday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୮୧+୧୩ ଜୁଲାଇ ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


## ବିଶ୍ୱର ସବୁଠୁ ଉନ୍ନତ ରକେଟ୍ ଇଞ୍ଜିନ୍ ନିର୍ମାଣ କରୁଛି ଭାରତ



### ଆନ୍ଧ୍ରପ୍ରଦେଶରେ ଚାଲିଛି ପରୀକ୍ଷଣ

ନୂଆଦିଲ୍ଲୀ,୧୨/୭: ବେଙ୍ଗାଲୁରୁର ମହାକାଶ ଷ୍ଟାର୍ଟଅପ୍ ଆଷ୍ଟ୍ରୋବେସ୍ ସ୍ପେସ୍ ଟେକ୍ନୋଲୋଜିସ୍ ଦେଶର ପ୍ରଥମ ଫୁଲ୍-ଫ୍ଲୋ ଷ୍ଟେଜ୍ଡ (ଏଫ୍ଏଫ୍ଏସ୍ସି) ରକେଟ୍ ଇଞ୍ଜିନ ନିର୍ମାଣ କରିଛି । କମ୍ପାନି ଆନ୍ଧ୍ରପ୍ରଦେଶରେ ଏହି ଇଞ୍ଜିନ୍ର ପରୀକ୍ଷଣ କରୁଛି । ଏହା ବିଶ୍ୱର ଅନ୍ୟତମ ସବୁଠୁ ଉନ୍ନତ ରକେଟ୍ ଇଞ୍ଜିନ ଟେକ୍ନୋଲୋଜି ବୋଲି କମ୍ପାନିର ଦାବି । ଏହି ଇଞ୍ଜିନ ସାହାଯ୍ୟରେ ଭବିଷ୍ୟତରେ ପୁନଃ ବ୍ୟବହାରଯୋଗ୍ୟ ରକେଟ୍ ନିର୍ମାଣ ହୋଇପାରିବ ଏବଂ ଅଧିକ ସାଟେଲାଇଟ୍ ମହାକାଶକୁ ପଠାଯାଇ ପାରିବ । ୨୦୨୮ ସୁଦ୍ଧା ଏହି ଇଞ୍ଜିନ ସହିତ ପ୍ରଥମ ରକେଟ୍ ଉତ୍କ୍ଷେପଣ କମ୍ପାନିର ଲକ୍ଷ୍ୟ । ଭାରତ ପାଖରେ ବର୍ତ୍ତମାନ ପ୍ରାୟ ୫୫ କାର୍ଯ୍ୟକ୍ଷମ ସାଟେଲାଇଟ୍ ଅଛି । ଆମେରିକା ପାଖରେ ୧୩ ହଜାରରୁ ଅଧିକ ଏବଂ ଚୀନ୍ ପାଖରେ ପ୍ରାୟ ୧୫୦୦ ସାଟେଲାଇଟ୍ ଅଛି । ଏହି ସ୍ଥିତିରେ ଆଗାମୀ ଦିନରେ ଅଧିକ ସାଟେଲାଇଟ୍ ଉତ୍କ୍ଷେପଣ ନିମନ୍ତେ ଭାରତକୁ ନିଜର କ୍ଷମତା ବଢ଼ାଇବାକୁ ପଡ଼ିବ । ଏ କ୍ଷେତ୍ରରେ ଏହି ଇଞ୍ଜିନ ଏକ ବଡ଼ ପ୍ରୟାସ ବୋଲି କମ୍ପାନି କହିଛି । ଆନ୍ଧ୍ରପ୍ରଦେଶରେ ନିର୍ମିତ ଟେଷ୍ଟ ସେଟଅପରେ ଇଞ୍ଜିନର ଲଗାତାର ହଟ୍ ଫାୟାର ଟେଷ୍ଟିଂ ଚାଲିଛି । ଏଥିରେ ଇଞ୍ଜିନ ଭୀଷଣ ଉତାପ ଓ ଚାପରେ ଠିକ୍‌ରେ କାମ କରୁଛି କି ନାହିଁ ପରୀକ୍ଷା କରାଯାଉଛି । କମ୍ପାନି ଅନୁସାରେ, ଇଞ୍ଜିନର ଡିଜାଇନ୍‌ଠୁ ନେଇ ୩ଡି ପ୍ରିଂଟିଂ, ନିର୍ମାଣ ଓ ଯନ୍ତ୍ରାଂଶଗୁଡ଼ିକୁ ଯୋଡ଼ିବା ସବୁକିଛି ଭାରତରେ କରାଯାଇଛି । ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାର ଏଫ୍ଏଫ୍ଏସ୍ସି ଇଞ୍ଜିନ, ଯାହା ବିଶ୍ୱର ଅନ୍ୟତମ ସବୁଠୁ ଉନ୍ନତ ରକେଟ୍ ଇଞ୍ଜିନ ଟେକ୍ନୋଲୋଜି ରୂପେ ପରିଗଣିତ । ଏହା ପ୍ରାୟ ୮୦୦ କିଲୋନ୍ୟୁଟନ୍ ଶକ୍ତି ଉତ୍ପନ୍ନ କରିବ । ଏହାର କ୍ଷମତା ବଢ଼ିବା ଦ୍ୱାରା ରକେଟ୍ ଅଧିକ ଓଜନ ମହାକାଶକୁ ନେଇପାରିବ । ବିଶ୍ୱର ଖୁବ୍ କମ୍ ଦେଶ ଏହି ଟେକ୍ନୋଲୋଜି ଉପରେ କାମ କରୁଛନ୍ତି । ତରଳ ଅମ୍ଳଜାନ ଓ ମିଥେନ୍‌ରେ ଇଞ୍ଜିନ ଚାଲିବ । କମ୍ପାନି କହିଛି, ଏହା ଭାରତର ପ୍ରଥମ ମିଥେନ ଆଧାରିତ ରକେଟ୍ ଇଞ୍ଜିନ ପରୀକ୍ଷଣ ସୁବିଧା ମଧ୍ୟ ନିର୍ମାଣ କରିଛି । ୨୦୨୫ ସେପ୍ଟେମ୍ବରରେ ଏହାର ଛୋଟ ମଡେଲର ପ୍ରଥମ ହଟ୍ ଫାୟାର ଟେଷ୍ଟ ସଫଳ ହୋଇଥିଲା । ୨୦୨୭ରେ ବୁଷ୍ଟରର ହପ୍ ଟେଷ୍ଟ ଓ ୨୦୨୮ରେ ପ୍ରଥମ ରକେଟ୍ ଲଂଚ ଆଷ୍ଟ୍ରୋସ୍ପେସ୍‌ର ଲକ୍ଷ୍ୟ । ଏହାର ରକେଟ୍ ନିମ୍ନ କକ୍ଷରୁ ୩ ଟନ୍ ଯାଏ ପେଲୋଡ୍ ନେଇପାରିବ ବୋଲି କମ୍ପାନିର ଦାବି । ପ୍ରଥମ ଚରଣକୁ ପୁନଃବ୍ୟବହାର ଯୋଜନା ମଧ୍ୟ ଏହାର ରହିଛି । ଅନ୍ୟପକ୍ଷେ, ଇଞ୍ଜିନକୁ ୫୦ରୁ ଅଧିକ ଥର ବ୍ୟବହାରଯୋଗ୍ୟ କରିବା ଏହାର ଲକ୍ଷ୍ୟ ।

## କମୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର :

### ୨ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ



ସମ୍ବଲପୁର,୧୨/୭(ନି/ପ୍ର): ଉପରମୁଣ୍ଡରେ ବର୍ଷା ସ୍ଥିତି ନଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳପ୍ରବାହ ହ୍ରାସ ପାଉଛି । ଫଳରେ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଥିବା ବେଳେ ଆଜି ଆଉ ଗୋଟିଏ ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି । ବର୍ତ୍ତମାନ ଜଳଭଣ୍ଡାର ୮ଟି ସ୍ଲୁଇସ୍ ଗେଟ୍ ?କ ବନ୍ଦ ରହିଥିବା ବେଳେ ମାତ୍ର ୨ଟି ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ମିଳିଥିବା ସୂଚନା ଅନୁସାରେ, ଏବେ ଜଳଭଣ୍ଡାରରେ ଜଳସ୍ତର ୬୧୧.୫୪ ଫୁଟ ରହିଥିବା ବେଳେ ଏହା କ୍ରମଶଃ ହ୍ରାସ ପାଉଛି । ଉପରମୁଣ୍ଡରୁ ପ୍ରତି ସେକେଣ୍ଡ୍ରେ ମାତ୍ର ୬୦ ହଜାର ୪୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାର କେନାଲ, ଶାସନ ଓ ବରଗଡ କେନାଲ ମାଧ୍ୟମରେ ମୋଟ୍ ୭୩ ହାଜର ୭୮୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । କେବଳ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ପ୍ରାୟ ୪୫ କ୍ୟୁସେକ ଜଳରାଶି ନିଷ୍କାସିତ ହେଉଛି । ଆଉଟ୍-ଫ୍ଲୋ ପରିମାଣ ଇନ୍‌ଫ୍ଲୋଠାରୁ ଅଧିକ ରହିଥିବାରୁ ଜଳଭଣ୍ଡାର ଜଳସ୍ତର କ୍ରାମଶଃ ହ୍ରାସ୍ ପାଇବାରେ ଲାଗିଛି ।

## ଗାଁ ଦାଣ୍ଡରେ ଯୁବକକୁ ନିର୍ମମ ଭାବରେ ହତ୍ୟା

ଅନୁଗୋଳ,୧୨/୭(ନି/ପ୍ର):ଅନୁଗୋଳ ଜିଲ୍ଲା ବାଲୁଅକଟା ଗ୍ରାମ ପଚାଂୟତ କୁମ୍ଭକର୍ଣ୍ଣ ସାହିରେ ଶନିବାର ରାତି ପ୍ରାୟ ସାଢେ ନଅଟା ବେଳେ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରା ଯାଇଛି । ମୃତକ ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ପର୍ଶୁ ବେହେରାଙ୍କ ପୁଅ ହେମନ୍ତ ବେହେରା (୪୦) ବୋଲି ସୂଚନା ମିଳିଛି । ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ହେମନ୍ତ ବେହେରାଙ୍କ ଝିଆରୀକୁ ସରଧାପୁର ଅଚଂଳର ଜଣେ ବ୍ୟକ୍ତି ଭଲ ପାଉଥିଲେ । ଏନେଇ ବିବାହ କରିବା ପାଇଁ ଉକ୍ତ ଯୁବକ ଜଣଙ୍କ ଜିଦ୍ କରିଥିଲେ । ବିବାହ ନକରିବା ପାଇଁ ହେମନ୍ତ ବେହେରାଙ୍କ ପରିବାର କହିଥିଲେ । ଯାହା ଫଳରେ ଆଜି ରାତିରେ ଉକ୍ତ ବ୍ୟକ୍ତିଙ୍କ ସହିତ ହେମନ୍ତଙ୍କର ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ହେମନ୍ତକୁ ଉକ୍ତ ବ୍ୟକ୍ତି ଜଣକ ଅତି ନିର୍ମମ ଭାବରେ ଆକ୍ରମଣ କରି ହତ୍ୟା କରିଥିଲେ । ଘଟଣାରେ ସ୍ଥଳରେ ପୁଲିସ ପହଚିଂ ତଦନ୍ତ କରୁଥିବା ବେଳେ ଘଟଣା ସ୍ଥଳରୁ ଅଭିଯୁକ୍ତ ଜଣକ ଫେରାର ହୋଇଥିବା ସୂଚନା ମିଳିଛି ।

## ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

ପୁରୀ,୧୨/୭: ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛି ପୁଲିସ । ପ୍ରତ୍ୟେକ ଶ୍ରଦ୍ଧାଳୁ ରଥଯାତ୍ରା ଦେଖି ଯେପରି ନିରାପଦରେ ଫେରିବେ ତାହାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶନିବାର ପୁରୀ ପୌର ସଦନରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ସେ କହିଛନ୍ତି ୧୯ ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ବ୍ୟବସ୍ଥାର ତଦାରଖ ଦାୟିତ୍ୱ ଦିଆଯାଇଛି । ରଥ କର୍ଡନର ସୁରକ୍ଷା ପାଇଁ କେନ୍ଦ୍ରୀୟ ବାହିନୀକୁ ମୁତୟନ କରାଯିବ । ପୁରୀ ଭୁବନେଶ୍ୱର ଓ ପୁରୀ କୋଣାର୍କ ଜାତୀୟ ରାଜପଥ ସମେତ ପୁରୀ ସହରର ବିଭିନ୍ନ ସ୍ଥାନରେ ୪୭୦ କ୍ଲୋଜ ସର୍କିଟ କ୍ୟାମେରା ଲଗାଯାଇଛି । ଜଳ, ସ୍ଥଳ ଓ ଆକାଶ ପଥରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି । ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁଲିସ ପ୍ରସ୍ତୁତି ଶେଷ ହୋଇଛି ।

## ନ୍ୟୁଜିଲାଣ୍ଡ ସରକାରଙ୍କୁ କୃତଜ୍ଞତା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀ,୧୨/୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନ୍ୟୁଜିଲାଣ୍ଡ ଗସ୍ତ ନେଇ ବିବୃତି ଜାରି କରିଛନ୍ତି । ଏଥିରେ ସେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ମୁଁ ଆପଣଙ୍କ ବନ୍ଧୁତ୍ୱପୂର୍ଣ୍ଣ ଶବ୍ଦ ପାଇଁ ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି । ଶୁକ୍ରବାର ରାତିରେ ବିମାନବନ୍ଦରରେ ଆପଣଙ୍କ ଉପସ୍ଥିତି ପ୍ରକୃତରେ ଆପଣଙ୍କ ବନ୍ଧୁତାର ଏକ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ ଥିଲା ଏବଂ ମୁଁ ଏଥିପାଇଁ ଆପଣଙ୍କୁ ମୋର ବିଶେଷ ଧନ୍ୟବାଦ ଜଣାଇବାକୁ ଚାହୁଁଛି । ଆପଣଙ୍କ ମନ୍ତ୍ରୀ ମଧ୍ୟ ସାରା ରାତି ମୋ ସହିତ ରହିଥିଲେ । ଏହା ମୋତେ ବହୁତ ଖୁସି ଦେଉଛି ଯେ, ୪୦ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ନ୍ୟୁଜିଲାଣ୍ଡ ଗସ୍ତ କରିଛନ୍ତି । ଆପଣଙ୍କ ଆର୍ଥିକ ରାଜଧାନୀରେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ଆପଣ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସମ୍ପର୍କରେ ନୂତନ ଶକ୍ତି ସଚାଂର କରିବାର ସୁଯୋଗ ସୃଷ୍ଟି କରିଛନ୍ତି । ଏଥିପାଇଁ ମୁଁ ଆପଣଙ୍କ ପ୍ରତି ଗଭୀର କୃତଜ୍ଞ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ନ୍ୟୁଜିଲାଣ୍ଡର ଲୋକଙ୍କ ମଧ୍ୟରେ ରହିବା ଏବଂ ଭାରତ ପ୍ରତି ସେମାନଙ୍କର ସ୍ନେହକୁ ଅନୁଭବ କରିବା ଏକ ଗଭୀର ମର୍ମସ୍ପର୍ଶୀ ଅଭିଜ୍ଞତା, ଯାହା ମୋ ହୃଦୟକୁ ଛୁଇଁଛି ଏବଂ ମୁଁ ଏଥିପାଇଁ ମଧ୍ୟ ବହୁତ କୃତଜ୍ଞ । ଏହା ଆମ ସମ୍ପର୍କରେ ଏକ ଐତିହାସିକ ମାଇଲଖୁଂଟ, ଯାହା ଆମ ସମ୍ପର୍କରେ ନୂତନ ଶକ୍ତିକୁ ପୁନଃନିର୍ମାଣ କରେ ଏବଂ ବନ୍ଧୁତା ପ୍ରତି ଆମର ପ୍ରତିବଦ୍ଧତାକୁ ନବୀକରଣ କରେ । ଯେତେବେଳେ ଆପଣ ଭାରତ ଗସ୍ତ କରିଥିଲେ, ଏଫଟିଏ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏତେ କମ୍ ସମୟ ମଧ୍ୟରେ ଏଫଟିଏ କୁ ସଫଳ କରିବା ପାଇଁ ସମସ୍ତ ନ୍ୟୁଜିଲାଣ୍ଡ ଏକାଠି ହେବା ଦେଖିବା ଉଲ୍ଲେଖନୀୟ; ସମ୍ଭବତଃ ପ୍ରଥମ ଥର ପାଇଁ ବିଶ୍ୱ ସ୍ତରରେ ଏତେ ଶୀଘ୍ର ଏତେ ସଫଳତା ହାସଲ ହୋଇଛି । ଏହି ସଫଳତା ପାଇଁ ମୁଁ ଆପଣଙ୍କ ନେତୃତ୍ୱ, ଆପଣଙ୍କ ସରକାର ଏବଂ ଆପଣଙ୍କ ଦଳକୁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି । ଆପଣ ଗତ ବର୍ଷ ହୋଲି ପର୍ବ ସମୟରେ ଭାରତ ଗସ୍ତ କରିଥିଲେ । ଆପଣଙ୍କ ଗସ୍ତ ଆମ ସମ୍ପର୍କରେ ନୂତନ ରଙ୍ଗ ଯୋଡିଥିଲା- କାରଣ ହୋଲିର ରଙ୍ଗ ଏକ ବିଶେଷ ଗୁରୁତ୍ୱ ରଖେ, ଏବଂ ଆମେ ତାହା ପ୍ରତ୍ୟକ୍ଷ ଭାବରେ ଅନୁଭବ କରିଥିଲୁ । ମୁଁ ଖୁସି ଯେ ଆଜି ଆମେ ଆମର ସମ୍ପର୍କକୁ ଏକ ରଣନୈତିକ ସହଭାଗୀତାର ସୂତ୍ରରେ ବାନ୍ଧିଛୁ । ଏହି ମାଇଲଖୁଂଟ ଆମକୁ ଅଧିକ ଶକ୍ତି ଏବଂ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ିବାକୁ ପ୍ରେରଣା ଦେବ । ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆମର ଦୃଢ଼ ବିଶ୍ୱାସ ଆମକୁ ପ୍ରାକୃତିକ ସହଭାଗୀ କରିଥାଏ; ଆମେ, ଏକ ଅର୍ଥରେ, ‘ପରସ୍ପର ପାଇଁ ତିଆରି‘ । ଏହା ବ୍ୟତୀତ, ଦୁଇଟି ସାମୁଦ୍ରିକ ରାଷ୍ଟ୍ର ଭାବରେ, ଆମର ଘନିଷ୍ଠ ସହଯୋଗ ଭାରତ - ପ୍ରଶାନ୍ତ ମହାସାଗରକୁ ନୂତନ ଶକ୍ତି ପ୍ରଦାନ କରେ, ଏବଂ ଆମର ସହଭାଗୀତା ଆମର ଶାନ୍ତିର ମିଳିତ ଲକ୍ଷ୍ୟ ହାସଲ କରିବାରେ ନୂତନ ଶକ୍ତି ପ୍ରଦାନ କରିପାରିବ । ମୁଁ ନିଶ୍ଚିତ ଯେ ଏହି ଗସ୍ତ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବ ଏବଂ ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷାରେ ଆମର ମିଳିତ ଅବଦାନକୁ ବୃଦ୍ଧି କରିବ । ଆମେ ଏକ ଉତପ୍ରେରକ ଏଜେଂଟ ଭାବରେ କାର୍ଯ୍ୟ କରିପାରିବା - ଶାନ୍ତି ପାଇଁ ଠିଆ ହେବା, ଶାନ୍ତି ପାଇଁ କାମ କରିବା ଏବଂ ଶାନ୍ତି ମାଧ୍ୟମରେ ବିଶ୍ୱ କଲ୍ୟାଣ ଆଡ଼କୁ ଅଗ୍ରସର ହେବା ।

## ଚୀନ୍‌ରେ ତାଣ୍ଡବ ରଚିଲା ‘ବାଭି’ :



### ଅଧରାତିରେ ଝେଜିଆଙ୍ଗ ପ୍ରଦେଶର ଉପକୂଳରେ ଲ୍ୟାଣ୍ଡଫଲ୍, ୨୦ ଲକ୍ଷ ଲୋକ ସ୍ଥାନାନ୍ତର

ବେଜିଂ,୧୨/୭: ପ୍ରାକୃତିକ ବିପର୍ଯ୍ୟୟ ସହିତ ଲଢୁଥିବା ଚୀନ୍ ଶନିବାର ରାତିରେ ଆଉ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଶକ୍ତିଶାଳୀ ଟାଇଫୁନ୍ ବାଭି ଶନିବାର ରାତି ପ୍ରାୟ ୧୧:୨୦ ସମୟରେ ପୂର୍ବ ଚୀନ୍‌ର ଝେଜିଆଙ୍ଗ ପ୍ରଦେଶର ଉପକୂଳରେ ଲ୍ୟାଣ୍ଡଫଲ୍ କରିବା ସହ ତାଣ୍ଡବ ରଚିଛି । କାଉଟିଂ ସହର ଯୁହୁଆନ୍‌ରେ ଏହା ସ୍ଥଳଭାଗ ଛୁଇଁଛି । ସୂଚନା ଅନୁଯାୟୀ,ଏହା ଚଳିତ ବର୍ଷର ନବମ ଟାଇଫୁନ୍ । ଲ୍ୟାଣ୍ଡଫଲ୍ ସମୟରେ ପବନର ସର୍ବାଧିକ ବେଗ ଘଟାଂପ୍ରତି ୧୪୪ କିଲୋମିଟର ଥିଲା । ଯାହା ଫଳରେ ଉପକୂଳ ଅଚଂଳରେ ବଡ଼ ଧରଣର କ୍ଷତି ହୋଇଛି । ଘୂର୍ଣ୍ଣିବାତ୍ୟାର ଆକଳନ କରାଯାଇଥିବା ଭୟଙ୍କର ରୂପକୁ ନେଇ ଏବଂ ସମ୍ଭାବ୍ୟ ଧନଜୀବନ ହାନିକୁ ଦୃଷ୍ଟିରେ ରଖି, ଚୀନ୍ କର୍ତ୍ତୃପକ୍ଷ ୨୦ ଲକ୍ଷ ଲୋକଙ୍କୁ ସେମାନଙ୍କ ଘରୁ ସ୍ଥାନାନ୍ତର କରାଯାଇ ନିରାପଦ ଆଶ୍ରୟସ୍ଥଳକୁ ନିଆଯାଇଛି । ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି, ରାଜଧାନୀ ବେଜିଂ ସମେତ ଦେଶର ଅନେକ ପ୍ରମୁଖ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ଏବଂ ଉଦ୍ଧାରକାରୀ ଦଳଗୁଡ଼ିକୁ ୨୪ଘଟାଂ ସତର୍କ ରହିବାକୁ କୁହାଯାଇଛି । ଚୀନ୍‌ର ଜାତୀୟ ପାଣିପାଗ କେନ୍ଦ୍ର ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ୨୪ ଘଟାଂ ମଧ୍ୟରେ ଝେଜିୟାଙ୍ଗ, ଉତ୍ତର ଫୁଜିଆନ, ଉତ୍ତର-ପୂର୍ବ ଜିଆଙ୍ଗସି ଏବଂ ଦକ୍ଷିଣ ଆନହୁଇ ସମେତ ଦେଶର ଏକ ବଡ଼ ଅଂଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହା ବ୍ୟତୀତ, ବେଜିଂ ଏବଂ ହେବେଇର କିଛି ଅଂଶରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀ ଏବଂ ବନ୍ୟା ଆଶଙ୍କା ରହିଛି । ଚୀନ୍‌ର ଜଳସମ୍ପଦ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଲୋକମାନଙ୍କୁ ଉପକୂଳ ଅଚଂଳରୁ ଦୂରେଇ ରହିବା ଏବଂ ପାଣିପାଗ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି । ନିରନ୍ତର ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇଛି

## ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଖଳି

ପୁରୀ,୧୨/୭(ନି/ପ୍ର):ପବିତ୍ର ଆଷାଢ଼ ମାସ କୃଷ୍ଣପକ୍ଷ ଏକାଦଶୀ ବା ଖଳିଲାଗି ଏକାଦଶୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମାନଙ୍କ ଖଳି ଲାଗି ନୀତି ସମ୍ପନ୍ନ ହୋଇଛି । ମହାପ୍ରଭୁ ଶ୍ରୀଅଙ୍ଗରେ ଖଳି ଲାଗି ହୋଇଛନ୍ତି । ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଆସିଥିବା ଦଶମୂଳ ମୋଦକ ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି । ଅପରପକ୍ଷରେ ମହାପ୍ରଭୁ ସୁସ୍ଥ ଅନୁଭବ କରିଥିବାରୁ ମହାପ୍ରଭୁଙ୍କୁ ତୁଳସୀ ଲାଗି ହେବା ସହ ବାରଲାଗି ଖଣ୍ଟୁଆ ଲାଗି ହୋଇଛନ୍ତି । ପରମ୍ପରା ଅନୁଯାୟୀ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦୀରେ ଶ୍ରୀବିଗ୍ରହ ମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ଓ ପତିମହାପାତ୍ର ଗୁପ୍ତ ସେବା କରୁଛନ୍ତି । ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହ ମାନଙ୍କୁ ଖଳି ଲାଗି କରାଯିବା ସହ ତୁଳସୀ ଲାଗି କରାଯାଇଛି । ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଛି ।

## ବଙ୍ଗୋପସାଗରରେ ୪.୫ ତୀବ୍ରତାଯୁକ୍ତ ଭୂମିକମ୍ପ:

ନୂଆଦିଲ୍ଲୀ,୧୨/୭: ବଙ୍ଗୋପସାଗରରେ ରବିବାର ସକାଳେ ଭୂମିକମ୍ପ ଅନୁଭୂତ ହୋଇଛି । ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଚଂଳଗୁଡ଼ିକ ମଧ୍ୟ ଥରି ଉଠିଛି । ଲୋକମାନେ ଶୋଇଥିବା ସମୟରେ ଭୋର ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଅନେକ ଭୟଭୀତ ହୋଇ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ଯେ କୌଣସି କ୍ଷୟକ୍ଷତି ହୋଇନାହିଁ । ଇଣ୍ଡିଆନ୍ ନ୍ୟାସନାଲ୍ ସେ[ର ଫର୍ ଓସେନ୍ ଇନଫର୍ମେସନ୍ ସର୍ଭିସେସ୍ ଅନୁଯାୟୀ, ଭୂମିକମ୍ପ ସକାଳ ୫:୦୫:୪୬ରେ ହୋଇଥିଲା । ଭୂମିକମ୍ପ ସମୁଦ୍ର ପତ୍ତନଠାରୁ ୧୦ କିଲୋମିଟର ଗଭୀରରେ ହୋଇଥିବା ଆକଳନ କରାଯାଇଛି । ଏହାର କେନ୍ଦ୍ରସ୍ଥଳ ବଙ୍ଗୋପସାଗରର କାକିନାଡା ଉପକୂଳରୁ ପ୍ରାୟ ୨୨୫ କିଲୋମିଟର ଦୂରରେ ଥିଲା ।

## ପୁଣି ଯୁଦ୍ଧନିଆଁରେ ଜଳିଲା ମଧ୍ୟପ୍ରାଚ୍ୟ :



### ଉପସାଗରୀୟ ଦେଶରେ ବ୍ୟାପକ କ୍ଷୟକ୍ଷତି

ତେହେରାନ,୧୨/୭: ପଶ୍ଚିମ ଏସିଆରେ ଉତେଜନା ଏବେ ଶୀର୍ଷରେ ପହଚିଂଛି । ଯୁଦ୍ଧର ନିଆଁ ସମଗ୍ର ଅଚଂଳରେ ବ୍ୟାପିବା ପରି ମନେ ହେଉଛି । ରବିବାର ସକାଳେ, ଇରାନ ଆମେରିକା ସହିତ ଚାଲିଥିବା ବିବାଦରେ ଏକ ବଡ଼ ପଦକ୍ଷେପ ନେଇ ପ୍ରମୁଖ ଉପସାଗରୀୟ ଦେଶ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ),କତାର, ବାହାରିନ ଏବଂ ଜୋର୍ଡାନ ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି । ଏହି ଆକ୍ରମଣ ପରେ, ସମଗ୍ର ମଧ୍ୟପ୍ରାଚ୍ୟରେ ଆତଙ୍କ ଖେଳିଯାଇଛି । ଅନେକ ଦେଶ ସେମାନଙ୍କ ନାଗରିକଙ୍କ ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରିଛନ୍ତି । ରବିବାର ସକାଳେ କତାରର ରାଜଧାନୀ ଦୋହାରେ ଜୋରଦାର ବିସ୍ଫୋରଣ ଶୁଣାଯାଇଛି । ବାସିନ୍ଦାମାନେ ଆତଙ୍କିତ ହୋଇପଡ଼ିଛନ୍ତି । କତାରର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନାଗରିକଙ୍କ ମୋବାଇଲ ଫୋନ୍‌କୁ ଏକ ଜରୁରୀକାଳୀନ ସୁରକ୍ଷା ସତର୍କତା ପଠାଯାଇଥିଲା । ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ସୁରକ୍ଷା ବିପଦ ସ୍ତର ବର୍ତ୍ତମାନ ବହୁତ ଅଧିକ, ତେଣୁ ସମସ୍ତ ନାଗରିକ ଏବଂ ପ୍ରବାସୀମାନେ ସେମାନଙ୍କ ଘର କିମ୍ବା ସୁରକ୍ଷିତ ସ୍ଥାନରେ ରହିବା ଉଚିତ୍ । ବାହାରିନର ଗୃହ ମନ୍ତ୍ରଣାଳୟ ମଧ୍ୟ ଏହାର ଅଚଂଳରେ ବିମାନ ଆକ୍ରମଣ ସାଇରନକୁ ସକ୍ରିୟ କରିଛି ଏବଂ ଲୋକମାନଙ୍କୁ ଶାନ୍ତ ରହିବା ଏବଂ ନିକଟତମ ନିରାପଦ ସ୍ଥାନକୁ ଯିବାକୁ ଅନୁରୋଧ କରିଛି । ଇରାନ ଦ୍ୱାରା ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରକୁ ପ୍ରତିହତ କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ନିଜର ସାମରିକ ବାହିନୀକୁ ନିୟୋଜିତ କରିଛି । ୟୁଏଇର ପ୍ରତିରକ୍ଷା ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି ଯେ, ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦେଶର ବିଭିନ୍ନ ସ୍ଥାନରେ ଇରାନ ଦ୍ୱାରା ନିକ୍ଷେପିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଆକ୍ରମଣ ଡ୍ରୋନ୍‌କୁ ଅଟକାଇ ନଷ୍ଟ କରିଛି । ମନ୍ତ୍ରଣାଳୟ କହିଛି, ସହରରେ ଶୁଣାଯାଇଥିବା ବିସ୍ଫୋରଣର ଶବ୍ଦ ପ୍ରକୃତରେ ଇରାନୀ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦେବା ଯୋଗୁଁ ସୃଷ୍ଟି ହୋଇଥିଲା । କତାରର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନାଗରିକଙ୍କ ମୋବାଇଲ ଫୋନ୍‌କୁ ଏକ ଜରୁରୀକାଳୀନ ସୁରକ୍ଷା ସତର୍କତା ପଠାଯାଇଥିଲା ।

## ରଥ ଡିଉଟିରେ ଆସି ଜୀବନ ହରାଇଲେ ହୋମଗାର୍ଡ

### ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ପୁରୀ,୧୨/୭(ନି/ପ୍ର): ଜଗନ୍ନାଥଙ୍କ ସେବା କରିବାକୁ ଆସିଥିବା ଜଣେ ହୋମଗାର୍ଡଙ୍କ ଜୀବନ ଅକାଳରେ ଚାଲିଗଲା । କେନ୍ଦୁଝରଜିଲ୍ଲା ଘଟଗାଁ ଥାନା ହୁଣ୍ଡାପିଟା ଗ୍ରାମର ପ୍ରଦୀପ ମହାନ୍ତ, ୪୫ ରଥଯାତ୍ରା ଡିଉଟି କରିବାକୁ ଆସି ଆଉ ଘରକୁ ଫେରିପାରିଲେନି । ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଗୋଟିଏ କୋଠରୀରେ ରାତିରେ ଶୋଇଥିବା ବେଳେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଛି । କେନ୍ଦୁଝର ଜିଲ୍ଲାରୁ ୫୦ ଜଣିଆ ହୋମଗାର୍ଡ ଦଳ ରଥଯାତ୍ରା ଡିଉଟି ପାଇଁ ପୁରୀ ଆସିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଦୀପ ମହାନ୍ତ ମଧ୍ୟ ଥିଲେ । ରାତି ୧୦ଟା ସମୟରେ ସେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଏକ କୋଠରୀରେ ସାଥୀମାନଙ୍କ ସହ ଶୋଇଥିଲେ । ହଠାତ ମଝି ରାତିରେ ସେ ଉଠି ବାନ୍ତି କରିଥିଲେ । ତାଙ୍କ ପାଟିରୁ ଧଳା ରଙ୍ଗର ଫେଣ ବାହାରୁଥିବା ଦେଖିଥିଲେ ସାଥୀମାନେ । ତୁରନ୍ତ ସାଥୀମାନେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାକୁ ନେଇଥିଲେ । କିନ୍ତୁ ସେଠାରେ ପହଚିଂବା ବେଳକୁ ସେ ମୃତ୍ୟୁବରଣ କରିସାରିଥିଲେ । ମୃତ୍ୟୁର କାରଣ ନେଇ ସନ୍ଦେହ । ହୋମଗାର୍ଡଙ୍କ ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତେବେ ଘଟଣାସ୍ଥଳରେ ସାପ କାମୁଡ଼ାହୋଇଥିବା ନେଇ ଚର୍ଚ୍ଚା ହେଉଛି । ସୂଚନା ପାଇବା ପରେ ସତ୍ୟବାଦୀ ପୁଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ । ଏଣେ ପ୍ରଦୀପ ମହାନ୍ତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହାଛଡ଼ା ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଖାଲି ସେତିକି ନୁହେଁ, ପରିବାରର ଜଣଙ୍କୁ ଚାକିରି ଦିଆଯିବା ନେଇ ବି ନିଷ୍ପତି ହୋଇଛି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ବାରହା ଆକ୍ରମଣରେ ୩ ଗୁରୁତର



ଅନୁଗୋଳ,୧୨/୭(ନି/ପ୍ର): ଅନୁଗୋଳ ଜିଲ୍ଲା ବନ୍ତଳା ବନାଂଚଳ ନୂଆକ୍ଷେତ ବିଟ ବଡ କନ୍ତକୁଳ ପଚାଂୟତ ସିନ୍ଦିରି ସାହି ଠାରେ ବାରହା ଆକ୍ରମଣରେ ତିନି ଗୁରୁତର । ଗୁରୁତର ମାନେ ହେଲେ ସିନ୍ଦିରି ସାହି ର ଅଭୟ ସାମଲଙ୍କ ସ୍ତ୍ରୀ ସରୋଜିନୀ ସାମଲ (୬୫), ସରତ ସାମଲଙ୍କ ପୁଅ ମଟୁଂ ସାମଲ (୨୮), ଲକ୍ଷ୍ମଣ ନାଏକଙ୍କ ପୁଅ କ୍ରିଷ୍ଣା ନାଏକ (୩୨) । ସୂଚନା ଯେ, ଆଜି ସକାଳ ସମୟରେ ଘର ନିକଟରେ ଥିବା ବିଲରେ ସରୋଜିନୀ, ମଟୁଂ ତଳିକୁ ଜଗି ରହିଥିବା ବେଳେ କ୍ରିଷ୍ଣା ବନ୍ଧକୁ ଶୌଚ ପାଇଁ ଯାଇଥିଲେ ହଠାତ୍ ଜଙ୍ଗଲ ଆଡୁ ଏକ ବାରହା ଆସି ତିନି ଜଣଙ୍କୁ ଆକ୍ରମଣ କରିଥିଲା । ଯାହା ଫଳରେ ତିନି ଜଣ ଚିତ୍କାର କରିବା ରୁ ଅନ୍ୟ ଲୋକ ମାନେ ଆସି ବାରହା କୁ ଘୋଉଡ଼ାଇ ତିନି ଜଣ କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ଖବର ପାଇ ବନ ବିଭାଗ ପହଁଚିଂ ବନ ବିଭାଗ ଗାଡିରେ ତିନି ଗୁରୁତର ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ସରୋଜିନୀଙ୍କ ହାତ, କାନ୍ଧ, ପିଠି, ପେଟ ଗଭୀର ଆଘାତ ଲାଗି ଥିବା ବେଳେ କ୍ରିଷ୍ଣା ଙ୍କର ଜଂଘ, ଗୋଡ଼ ଓ ଡାହାଣ ହାତର ଦୁଇଟି ଆଙ୍ଗୁଠି ଛିଡି ଯାଇଥିବା ବେଳେ ମଟୁଂଙ୍କ ଛାତି, ହାତ ଏବଂ ଗୋଡ଼ ରେ ଗଭୀର ଆଘାତ ଲାଗି ଥିବା ନେଇ ଚିକିତ୍ସାଳୟ କର୍ତୃପକ୍ଷ କହିଛନ୍ତି ।

## ସାପ କାମୁଡ଼ାରେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ
# ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ



ବୈଶିଙ୍ଗା,୧୨/୭(ନି/ପ୍ର): ଗତ ମଙ୍ଗଳବାର ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଖେଳୁଥିବା ସମୟରେ ୫ମ ଶ୍ରେଣୀରେ ପଢୁଥିବା ହଷ୍ଟେଲ ଛାତ୍ର ବିଷାକ୍ତ ସର୍ପ ଦଂଶନରେ ଗୁରୁତର ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି । ତେବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱହୀନତା କାର୍ଯ୍ୟକଳାପକୁ ବିରୋଧ କରି ଆଜି ଶତାଧିକ ଅଭିଭାବକ ଆସି ବିଦ୍ୟାଳୟରେ ପହଚିଂ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ପୁରେଇ ଦୁଆର ଜଗି ବସିଛନ୍ତି । ଅନ୍ୟପଟେ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନାକୁ ଲକ୍ଷ କରି ବେତନଟୀ ଏସଡିପିଓ ଓ ବୈଶିଙ୍ଗା ଥାନା ଅଧିକାରୀଙ୍କ ସହିତ ପୁଲିସ ଫୋର୍ସ ପହଚିଂ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି କ୍ଷ ତେବେ ମୃତକ ପରିବାରକୁ ୨୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଅଡି ବସିଛନ୍ତି ଅଭିଭାବକ ଓ ଗ୍ରାମବାସୀ । ଅନ୍ୟପଟେ ପ୍ରାଥମିକ ତଦନ୍ତରୁ ଦାୟୀତ୍ୱରେ ଅବହେଳା ପାଇଁ ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣମଞ୍ଜରୀ ଭୂୟାଁଙ୍କୁ ନୀଳମ୍ବନ କଲା ଶିକ୍ଷାବିଭାଗ । ପ୍ରକାଶ ଯୋଗ୍ୟ, ବାରିପଦା ଉପକଣ୍ଠ ବାଇଗଣ ବାଡ଼ିଆ ଅଙ୍ଗସଲର ରବୀନ୍ଦ୍ର ସୋରେନଙ୍କ ପୁଅ ୫ମ ଶ୍ରେଣୀ ଛାତ୍ର ସପନ ସୋରେନ ଗତକାଲି ମଙ୍ଗଳବାର ଅପରାହ୍ନରେ ସ୍କୁଲ ପରିସରରେ ଖେଳୁଥିବା ସମୟରେ, ଏକ ବିଷାକ୍ତ ସାପ ଦଂଶନ କରିବା ଯୋଗୁଁ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା ।ତାଙ୍କୁ ପ୍ରଥମେ ବୈଶିଙ୍ଗା,ପରେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ ଆଜି ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା ।

# ଭଣ୍ଡା ମଦ ଦୋକାନ ସ୍ଥାନାନ୍ତର ପାଇଁ ଅଂଟା ଭିଡ଼ିଲେ ମହିଳା
## ଜିଲ୍ଲାପାଳ ଓ ଜନପ୍ରତିନିଧିଙ୍କୁ ଦାବୀପତ୍ର ପ୍ରଦାନ

ଚମ୍ପୁଆ,୧୨/୭(ନି/ପ୍ର) :ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମରେ ଏକ ବିଦେଶୀ ମଦ ଦୋକାନକୁ ନେଇ ଜନଅସନ୍ତୋଷ ଚରମ ସୀମାରେ ପହଂଚିଛି । ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଧର୍ମାନୁଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟ ନିକଟରେ ଚାଲିଥିବା ଏହି ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବିରେ ଗ୍ରାମବାସୀ ଓ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଅଭିଯୋଗ ଅନୁଯାୟୀ, ସରକାରୀ ନିୟମକୁ ବେଖାତିର କରି ଭଣ୍ଡା ଗ୍ରାମର ଜନବସତି ମଝିରେ ଏହି ମଦ ଦୋକାନଟି ଚାଲିଛି । ଦୋକାନର ମାତ୍ର କିଛି ଦୂରରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଚିକିତ୍ସାଳୟ, ଡାକ ବଙ୍ଗଳା, ଆର.ଆଇ ଅଫିସ, ଜଙ୍ଗଲ ଓ କୃଷି ବିଭାଗ କାର୍ଯ୍ୟାଳୟ ରହିଛି । ଏହା ସହିତ କଂସରା (କ) ପ୍ରାଥମିକ ବିଦ୍ୟାଳୟ, ଭଣ୍ଡା-କଂସରା ଉଚ୍ଚ ବିଦ୍ୟାଳୟ ଏବଂ ଏକ ଶିବ ମନ୍ଦିର ନିକଟରେ ଏଭଳି ଦୋକାନ ଚାଲୁଥିବାରୁ ସ୍କୁଲ୍ ଛାତ୍ରଛାତ୍ରୀ, ରୋଗୀ ଏବଂ ଶ୍ରଦ୍ଧାଳୁମାନେ ସବୁବେଳେ ଭୟ ଓ ଅସୁରକ୍ଷିତ ମନେ କରୁଛନ୍ତି । ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଗତ ୮ ଜୁଲାଇ ୨୦୨୬ ରିଖରେ ଜିଲ୍ଲା ପରିଷଦର ଦଶମ ଅଧିବେଶନ ଚାଲିଥିବା ବେଳେ ଭଣ୍ଡା ଗ୍ରାମପଂଚାୟତର ମହିଳାମାନେ ଏକଜୁଟ ହୋଇ ଜିଲ୍ଲାପାଳ ବିଶାଳ ସିଂହ, ସାଂସଦ ଅନନ୍ତ ନାୟକ ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକଙ୍କୁ ଭେଟିଥିଲେ । ସେମାନେ ଉକ୍ତ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ଦରଖାସ୍ତ ପ୍ରଦାନ କରିଛନ୍ତି । ସମ୍ପୃକ୍ତ ଅଧିକାରୀ ଓ ଜନପ୍ରତିନିଧି ମାନେ ମହିଳାମାନଙ୍କ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଖୁବ୍ ଶୀଘ୍ର ଏହି ଦୋକାନ ବିଷୟରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ପ୍ରଶାସନ କେବେ ଏହି ଦୋକାନକୁ ସ୍ଥାନାନ୍ତର କରୁଛି, ତାହାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ମହିଳାମାନେ ସିଧାସଳଖ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ତୁରନ୍ତ ଦୋକାନ ସ୍ଥାନାନ୍ତର ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ର ରୂପ ନେବ ।

# ବଲାଙ୍ଗିରର ସମସ୍ତ ପାର୍କରେ ସିସିଟିଭି ବ୍ୟବସ୍ଥା ଆରମ୍ଭ

ବଲାଙ୍ଗିର,୧୨/୭(ନି/ପ୍ର): ବଲାଙ୍ଗିର ସହରର ପାର୍କଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ପୌରସଂସ୍ଥା ପକ୍ଷରୁ ସ୍ଥାପିତ ସିସିଟିଭି କ୍ୟାମେରାର ଶୁଭ ଉଦ୍ଘାଟନ କରାଯାଇଛି । ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁଙ୍କ କରକମଳରେ ସହରର ସମସ୍ତ ପାର୍କରେ ସ୍ଥାପିତ ସିସିଟିଭି କ୍ୟାମେରାର ଉଦ୍ଘାଟନ ସମ୍ପନ୍ନ ହୋଇଛି । ଏହି ପଦକ୍ଷେପ ଫଳରେ ପାର୍କକୁ ଆସୁଥିବା ଶିଶୁ, ମହିଳା, ବୟସ୍କ ଓ ସାଧାରଣ ନାଗରିକଙ୍କ ସୁରକ୍ଷା ଅଧିକ ସୁନିଶ୍ଚିତ ହେବ । ସେହିପରି ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା, ପାର୍କଗୁଡ଼ିକର ନିୟମିତ ତଦାରଖ ଓ ସୂଚାରୁ ପରିଚାଳନାରେ ମଧ ଏହି ସିସିଟିଭି ବ୍ୟବସ୍ଥା ସହାୟକ ହେବ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଉପାଧକ୍ଷା ଗାୟତ୍ରୀ ଭୋଇ, କାଉନସିଲର ବୃନ୍ଦ ଏବଂ ପୌରସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଦରମା ପାଇବାରେ ବିଳମ୍ବ

ଘଟଗାଁ,୧୨/୭(ନି/ପ୍ର): ସରକାରଙ୍କ ବିଚିତ୍ର ଯୋଗୁ ଏ କ୍ସ କ୍ୟାଡର ଶିକ୍ଷକ ମାନେ ନିୟମିତ ଦରମା ପାଇବାର ବଂଚିତ ହେଉଥିବା ଅଭିଯୋଗ ହୋଇଛି ସୂଚନା ଯୋଗ୍ୟ ଯେ ଏ କ୍ସ କ୍ୟାଡର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦରମା ଡିଗୀ ଗାନ ମାଧ୍ୟମରେ ପ୍ରତ୍ୟେକ ମାସ ୨କିମ୍ବା ୩ ମାସରେ ନିୟମିତ ଶିକ୍ଷକ ମାନଙ୍କ ମିଳି ଯାଉଥିଲା । କିନ୍ତୁ ଏବେ ଏକ ଚେକ ସିଷ୍ଟମ କରାଯାଇ ଥିବାରୁ ଠିକ ସମୟରେ ଶିକ୍ଷକ ମାନେ ଦରମା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଶୁଣିବାକୁ ମିଳେ ଯେ ଚେକ ସିଷ୍ଟମରେ ଦରମା ଅନୁଦାନ ଟଙ୍କା ଅନେକ ଦିନରୁ ଡିପିସି ଅଫିସକୁ ଆସିଥିଲେ ମଧ ଡିପିସି ଅଫିସର କର୍ମଚାରୀ ମାମାନଙ୍କ ଆନ୍ତରିକତା ଇଛା ଶକ୍ତି ଅଭାବରୁ ଶିକ୍ଷକ ମାନଙ୍କ ଦରମା ଟଙ୍କା ବିଲପାସ ପାଇଁ କଲେକ୍ଟରଙ୍କ ଦସ୍ତକତ ପାଇଁ ବିଳମ୍ବ କରାଯାଉଛି ଫଳରେ ଶିକ୍ଷକ ଶିକ୍ଷୟତ୍ରୀମାନେ ୨/୩ମାସ ଦରମା ନପାଇ ବହୁ ଅସୁବିଧାର ଶିକାର ହେଉ ହେଉଛନ୍ତି । ଏଣୁ ଉଚ୍ଚ କର୍ତୃପକ୍ଷ ଏଥି ପ୍ରତିଦୃଷ୍ଟି ଦେବାକୁ ଅନୁରୋଧ କରା ଯାଇଛି ।

# ଗୋ ଚାଲାଣ ବେଳେ ଚଢ଼ଉ, ୨ ଗିରଫ

ଜୟପୁର,୧୨/୭(ନି/ପ୍ର): ଗୋ ଚାଲାଣ ବେଳେ ଜୟପୁର ଟାଉନ ପୋଲିସ ଚଢଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଉତର ପ୍ରଦେଶର ସୌକିନ ଅଲ୍ଲି (୨୨) ଏବଂ ହରିୟାନାର ସକିଲ (୨୭) । ସୂଚନା ଅନୁଯାୟୀ, ଏକ କଂଟେନରରେ କଳାହାଣ୍ଡି ଜିଲାର ଧର୍ମଗଡରୁ ଆନ୍ଧ୍ର ପ୍ରଦେଶ ଗୋ ଚାଲାଣ ହେଉଥିଲା । ଟାଉନ ପୋଲିସ ଖବର ପାଇ ପୁରୁଣାଗଡ ଛକରେ ଚଢଉ କରିଥିଲା । ଚଢଉ କରି ୯୧ଟି ଗାଈ ସହ କଂଟେନରକୁ ଜହତ କରିଛି । ୨ ଅଭିଯୁକ୍ତଙ୍କ ନାମରେ ୨୭୧/୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

# ନୀଳଗିରି ସହରରେ ବୁଲୁଛି ଭାଲୁ
## ସାଇକେଲ ଆରୋହୀଙ୍କୁ ଉପରକୁ ମାରିଲା ଝାମ୍ପ



ନୀଳଗିରି,୧୨/୭(ନି/ପ୍ର): ନୀଳଗିରି ସହରରେ ବୁଲୁଛି ଭାଲୁ । ଏନେଇ ସହରବାସୀ ହୋଇ ପଡିଛନ୍ତି ଆତଙ୍କିତ । ଶୁକ୍ରବାର ରାତିରେ ସ୍ୱର୍ଣ୍ଣଚୁଡ଼ ଜଙ୍ଗଲରୁ ଏକ ଭାଲୁ ଆସି ନୀଳଗିରି ସହରରେ ବୁଲୁଥିବାର ଦେଖିବାକୁ ମିଳିଛି । ରାସ୍ତାରେ ସାଇକେଲରେ ଯାଉଥିବା ଦୁଇ ଯୁବକଙ୍କ ଉପରକୁ ଝାମ୍ପ ମାରିଛି । ଭାଲୁ ଆକ୍ରମଣରେ ଡ୍ରେନରେ ପଡି ଦୁଇ ଯୁବକ ଆହତ ହୋଇ ଅଳ୍ପକେ ବର୍ତିଛନ୍ତି । ଆକ୍ରମଣର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ସୂଚନା ଅନୁଯାୟୀ, ବଜାରରୁ ସାଇକେଲ ଯୋଗେ ଘାଟଘରସାହି ଅଂଚଳର ଦୁଇ ଯୁବକ ରାହୁଲ ସିଂ ଓ ସନ୍ତୋଷ ସିଂ ଘରକୁଫେରୁଥିବାବେଳେ ଏକ ଭାଲୁ ଗର୍ଜନ କରି ରାସ୍ତା ପାର ହେଉଥିଲା । ସେହିସମୟରେ ଜଗନ୍ନାଥ ମନ୍ଦିର ପଛପଟ ଗଳି ନିକଟରେ ଭାଲୁ ତାଙ୍କ ଉପରକୁ ଲମ୍ଫ ମାରିଥିଲା । ଫଳରେ ଦୁଇ ଜଣ ଡ୍ରେନରେ ପଡ଼ିଯାଇଥିଲେ । ରାହୁଲଙ୍କ ଗୋଡ଼ରେ ଆଘାତ ଲାଗିଥିବାବେଳେ ସନ୍ତୋଷଙ୍କର କାନରେ ଆଘାତ ଲାଗିଛି । ପାଖ ଲୋକ ଡାକ ପକାଇବାରୁ ଭାଲୁଟି ଗର୍ଜନ ଛାଡ଼ି ପଳାଇଯାଇଥିଲା

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ସାହର ସହ ପାଳିତ ହେଲା ଏବିଭିପିର ୭୮ତମ ପ୍ରତିଷ୍ଠା ଦିବସ

ଭଦ୍ରକ,୧୨/୭(ନି/ପ୍ର) :ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୮ତମ ପ୍ରତିଷ୍ଠା ଦିବସ ଏବଂ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଉପଲକ୍ଷେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅତ୍ୟନ୍ତ ଉତ୍ସାହ, ଉଦ୍ଦୀପନା ଓ ଦେଶଭକ୍ତିର ପରିବେଶ ମଧ୍ୟରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ଗୌରବମୟ ଓ ସଫଳ କରିଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଏବିଭିପିର ପତାକା ଉତୋଳନ କରାଯିବା ପରେ "ରାଷ୍ଟ୍ର ପୁନଃର୍ନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା" ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତର ସହ-କାର୍ଯ୍ୟବାହ ରବି ନାରାୟଣ ପଣ୍ଡା ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଭାରତ ବିକାଶ ପରିଷଦର ସଭାପତି ଡ଼. ଦୁର୍ଗାଶଙ୍କର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ର ସମାଜର ରାଷ୍ଟ୍ର ପୁନଃର୍ନିର୍ମାଣରେ ଭୂମିକା, କର୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ସେମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଜି ବିଦ୍ୟାର୍ଥି ପରିଷଦ ଜ୍ଞାନ ଚରିତ୍ର ଏକତାର ମୂଳ ମନ୍ତ୍ରକୁ ବିଦ୍ୟାର୍ଥି ସମାଜକୁ ଦିଷା ଦେବାର କାର୍ଯ୍ୟ କରୁଅଛି ଓ ଏକ ସଶକ୍ତ, ସ୍ୱାବଲମ୍ବୀ ଏବଂ ବିକଶିତ ଭାରତ ଗଠନରେ ଯୁବଶକ୍ତିର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଉକ୍ତ କାର୍ଯ୍ୟକ୍ରମରେ ବିଶେଷ ଭାବେ ଏବିଭିପି ଓଡ଼ିଶାର ପୂର୍ବତନ ରାଜ୍ୟ ଉପସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି, ଏବିଭିପି ଭଦ୍ରକ ଜିଲ୍ଲା ପ୍ରମୁଖ ଡ଼ ବସନ୍ତ କୁମାର ଦୀକ୍ଷିତ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଏବଂ ଜିଲ୍ଲା ସଂଯୋଜକ ଶ୍ରୀ ଓମକାର ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ । ଭଦ୍ରକ ନଗର ସହ ସମ୍ପାଦକ ମନୋରଞ୍ଜନ ମହାନ୍ତି, ଶୁଭମ୍ ପାଢ଼ୀ, କ୍ୟାମ୍ପସ ୟୁନିଟ ସଭାପତି ପ୍ରଜ୍ଞାନ ସାହୁ, କ୍ୟାମ୍ପସ ୟୁନିଟ ସମ୍ପାଦକ ଦିବ୍ୟରଞ୍ଜନ ଦାସ, ଓ ବିଭୂତି ମଲ୍ଲିକ , ବିଶ୍ୱରଞ୍ଜନ ମହାରଣା , ପ୍ରିୟଙ୍କା ଦାସ ରୁବି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।ଏହି ସଫଳ ଆୟୋଜନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ରାଷ୍ଟ୍ରଭକ୍ତି, ସାମାଜିକ ଦାୟିତ୍ୱବୋଧ ଏବଂ ରାଷ୍ଟ୍ର ପୁନର୍ନିର୍ମାଣ ପ୍ରତି ସକାରାତ୍ମକ ଚେତନା ସୃଷ୍ଟି କରିବା ସହ ଏବିଭିପିର ଆଦର୍ଶ, ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଯାଇଥିଲା ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୧ ଗୁରୁତର



କୋରାପୁଟ,୧୨/୭(ନି/ପ୍ର) :କୋରାପୁଟ ସଦର ଥାନା ଅନ୍ତର୍ଗତ ଡଲିଆମ ବ୍ରିଜ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା । ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି । ଜଣେ ଗୁରୁତର ଆହତ ହୋଇଛନ୍ତି । ଗୁରୁତରକୁ କୋରାପୁଟ ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଏହା ଗତକାଲି ବିଳମ୍ବିତ ରାତିର ଘଟଣା । ମୃତ ଦୁଇ ଯୁବକଙ୍କ ଘର ଦଶମନ୍ତପୁର ବ୍ଲକ୍ ମାଚରା ନୂଆଗୁଡା ଗାଁରେ ବୋଲି ଜଣାଯାଇଛି । ଗୁରୁତରଙ୍କ ଘର କୋରାପୁଟ ସଦର ମହାଦେଇପୁଟ ଗାଁର ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ପୁଲିସ ପହଚିଂ ତଦନ୍ତ ଆରମ୍ଭ କରିଛି ।



କେନ୍ଦୁଝରଗଡ଼ ପୌରପାଳିକା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ମିଳିତ ଭାବେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇ ୬୫ କେଜି ପ୍ଲାଷ୍ଟିକ ସାମଗ୍ରୀ ଏବଂ ୧୨୦ ମାଇକ୍ରୋନରୁ କମ୍ କ୍ଷମତା ବିଶିଷ୍ଟ ପଲିଥିନ ଜବତ କରାଯାଇଛି

# କାକଟପୁରରୁ ନିଖୋଜ ଦୁଇ ନାବାଳିକା ଭୁବନେଶ୍ୱରରୁ ଉଦ୍ଧାର

ଗୋପ/କାକଟପୁର,୧୨ ।୭:(ନି/ପ୍ର): କାକଟପୁର ଅଂଚଳରୁ ନିଖୋଜ ଦୁଇ ନାବାଳିକାଙ୍କୁ କାକଟପୁର ଥାନା ପୋଲିସ ଭୁବନେଶ୍ୱର ରୁ ଉଦ୍ଧାର କରି ନା ବାଳିକା ଦୁଇ ଜଣକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି । ଗତ କିଛି ଦିନ ତଳେ ଦୁଇ ନା ବାଳିକା ଘରୁ କେଉଁଆ ।ଡେ ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । କାକଟପୁର ଥାନା ଅ ।ଇଅ ।ଇସି ବସନ୍ତ କୁମାର ସାହୁ ତ୍ୱରିତ ପଦକ୍ଷେପ ନେଇ ପୋଲିସ ଫୋର୍ସ ସହ ବିଭିନ୍ନ ସ୍ଥାନ ଖୋଜା ଖୋଜି କରିବାପରେ ନା ବାଳିକା ଦୁଇ ଜଣଙ୍କୁ ଭୁବନେଶ୍ୱରରୁ ଉଦ୍ଧାର କରିଥିଲେ । ଶ୍ରୀ ସାହୁଙ୍କର ଏହି ତ୍ୱରିତ ପଦକ୍ଷେପକୁ କାକଟପୁର ଅଂଚଳର ବୁଦ୍ଧିଜୀବୀମାନେ ପ୍ରଂଶସା କରିଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମବାୟବିତ୍ ସମ୍ମିଳନୀ

କେନ୍ଦ୍ରାପଡ଼ା,୧୨/୭(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ଆନୁକୂଲ୍ୟରେ ଆଜି ଜିଲ୍ଲା କଂଗ୍ରେସ ଭବନ ସଭାକକ୍ଷରେ ଏକ ସମବାୟବିତ୍ ସମ୍ମିଳନୀ ଜିଲ୍ଲା କଂଗ୍ରେସର ସଙ୍ଗଠନ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ କଂଗ୍ରେସ ସମବାୟ ପ୍ରକୋଷ୍ଠର ଅଧକ୍ଷ ଏବଂ ନିଖିଳ ଭାରତ କିଷାନ କଂଗ୍ରେସର ସଂଯୋଜକ ଅମିୟ ପଟ୍ଟନାୟକ ଜିଲ୍ଲା କଂଗ୍ରେସ ଭବନରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସେ ସମ୍ମିଳନୀକୁ ଉଦ୍‌ଘାଟନ କରି କୃଷକ ଓ ସମବାୟ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସେ କହିଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ନୂଆ ଓ ପୁରୁଣା ସେବା ସମବାୟ ସମିତିଗୁଡ଼ିକରେ କୃଷି ଋଣ ପ୍ରଦାନ ସମୟରେ ରାଜନୈତିକ ଉଦ୍ଦେଶ୍ୟରେ ପାତରଅନ୍ତର କରାଯାଉଛି, ଯାହାଦ୍ୱାରା ପ୍ରକୃତ କୃଷକମାନେ ବଂଚିତ ହେଉଛନ୍ତି । ଜିଲ୍ଲାରେ କୃଷକଙ୍କ ସ୍ୱାର୍ଥରେ ଶୀତଳ ଭଣ୍ଡାର ସ୍ଥାପନ, ସମୟୋପଯୋଗୀ ସାର ଓ କୀଟନାଶକ ଯୋଗାଣ ଏବଂ ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ । ବିଶେଷ କରି ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କେନାଲରେ ଜଳ ନଥିବାରୁ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏଥିପାଇଁ ଡବଲ୍ ଇଞ୍ଜିନ ବିଜେପି ସରକାରକୁ ଦାୟୀ କରିଥିଲେ । ଉପସ୍ଥାପିତ ସମସ୍ତ ଦାବିର ସମାଧାନ ନହେଲେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ଼ଃ ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ସମବାୟ ବିଭାଗ ପକ୍ଷରୁ ଜିଲ୍ଲାବ୍ୟାପୀ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ସତର୍କ କରାଯାଇଥିଲା । ଏହି ଆଲୋଚନାଚକ୍ରରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, କୋଷାଧକ୍ଷ ଭାଗୀରଥି ଜେନା, ବରିଷ୍ଠ ନେତା ଫକୀର ଖଟୁଆ, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ବେହେରା, ସର୍ବେଶ୍ୱର ସେଠୀ, ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାଶ, ରବିନାରାୟଣ ବେହେରା, ରାଜୀବ ଲୋଚନ ମିଶ୍ର, ଶିକାଂଶୁ ଶେଖର ଲେଙ୍କା, ହରିଶ ପଟ୍ଟନାୟକ, ନଗର ସଭାପତି ଦିଲ୍ଲୀପ ପ୍ରଧାନ, ତପନ ପାତ୍ର, ବିଧୁଭୂଷଣ ମହାପାତ୍ର, ରାମମୋହନ ସ୍ୱାଇଁ, ରତ୍ନାକର ସେଠୀଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟିର ବହୁ କର୍ମକର୍ତା ଓ କର୍ମୀ ଉପସ୍ଥିତ ଥିଲେ ।

# ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର,୧୨/୭(ନି/ପ୍ର) :କୋରାପୁଟ ଜିଲ୍ଲା ନାରାୟଣ ପାଟଣା ପଂଚାୟତ ସମିତି ଅଧକ୍ଷ୍ୟ ଗୋଲାଦି ତ୍ରିନାଥଙ୍କ ଅଧକ୍ଷତାରେ ପୋଡ଼ା ପଦର ସଦର ପଂଚାୟତ ଠାରେ ପ୍ରଥମ ପର୍ଯ୍ୟାୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ନିମନ୍ତେ ବିଭିନ୍ନ ବିଭାଗର ଛଅଟି ଷ୍ଟଲ ଖୋଲା ଯାଇଥିବା ବେଳେ ବ୍ଲକର ନଅଟି ପଂଚାୟତର ବହୁ ସଂଖ୍ୟାରେ ଭିନ୍ନକ୍ଷମ ମାନେ ଯୋଗ ଦେଇଥିଲେ । ଏଥିରେ ସମୁଦାୟ ୧୩୯ ଜଣ ଭିନ୍ନକ୍ଷମ ନିଜ ନିଜ ନାମ ପଞ୍ଜିକରଣ କରିଥିବା ବେଳେ ପଂଚାୟତ ନିର୍ବାହୀ ଅଧିକାରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ,ସମସ୍ତ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନାମ ପଞ୍ଜିକରଣ କରିବା ସହ ଭିନ୍ନକ୍ଷମ ମାନଙ୍କୁ ସାହାଯ୍ୟ ସହଯୋଗ କରିଥିଲେ ।

# ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅରାଜକତା: ରୋଶନ ଲାଲ ବିଟ୍ଟୁ




ଅନୁଗୋଳ,୧୨/୭(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟିର ପ୍ରୋଗ୍ରାମ କୋଅର୍ଡିନେଟର ରୋଶନ ଲାଲ ବିଟ୍ଟୁ ଯୋଗଦେଇ କଂଗ୍ରେସ ଦଳର ସର୍ବମାନ୍ୟ ନେତା ତଥା ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସାରା ଭାରତ ବର୍ଷରେ ଦେଶର ଶିକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ନଷ୍ଟ କରି ଏକ ଶିକ୍ଷା ଅରାଜକତା ସୃଷ୍ଟି କରିଛନ୍ତି, ତାର ଦୃଢ ପ୍ରତିବାଦ କରିବା ପାଇଁ ପ୍ରତ୍ୟେକ ଛାତ୍ର ଛାତ୍ରୀ ତଥା ଅଭିଭାବକମାନଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଛାତ୍ରୋଙ୍କି ଗୁଞ୍ଜି ଡାକରା ଦିଆଯାଇଛି ଓ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ହାତକୁ କଂଗ୍ରେସ ନେବ ବୋଲି ଆଲୋକପାତ କରିଥିଲେ । ନୀଟ ପରୀକ୍ଷାରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣଭାବେ ନଷ୍ଟଭ୍ରଷ୍ଟ କରି ଯେଭଳି ଭାବେ ପ୍ରଶ୍ନପତ୍ର ବିକ୍ରି କରାଗଲା ଓ ଭାରତର ନାକନୀଶକୁ ନିଲାମ କରାଗଲା, ତାହା ଦେଶବାସୀଙ୍କ ମୁଣ୍ଡକୁ ତଳକୁ କରିଦେଇଛି । ସାମାନ୍ୟତମ ନିଜ ମୁଣ୍ଡକୁ ଦୋଷ ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାହୁଁ ନାହାଁନ୍ତି । ସେ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ ଥିଲା । ହେଲେ ସେ ତାହା କଲେନାହିଁ ।ଏଣୁ ଯଥାଶୀଘ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ଦାବି କରିବା ସହ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉତମରୂପେ ପରୀକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ରାଜ୍ୟର ମଧ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି, କୋମଳମତି ଛାତ୍ରଛାତ୍ରୀଙ୍କ ଶିକ୍ଷା ପୁସ୍ତକର ସଠିକ ଭାବେ ଯୋଗାଇ ଦେବାକୁ ରାଜ୍ୟ ସରକାର ଅସମର୍ଥ । କମିସନ ସର୍ବସ୍ୱ ବିଜେପି ସରକାର ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ସହିତ ଖେଳୁଛନ୍ତି, ଏଣୁ ଶିକ୍ଷାର ସୁଧାର ଆଣିବା ପାଇଁ ଏ ସରକାରର ଆନ୍ତରିକତାର ଅଭାବ । ଜଣେ ମୁର୍ଖ ଲୋକ ସହଜରେ ଯଦି ଭୁଲକୁ ଧରି ପାରୁଛି, କିଭଳି ଏଭଳି ଅକ୍ଷମଣୀୟ ତ୍ରୁଟି ପୁସ୍ତକରେ ରହିଲା, ତାର ଟେର ରାଜ୍ୟ ସରକାର ପାଇପାରୁ ନଥିବା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦେଶ ଆଦିବାସୀ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପାଳ ଚନ୍ଦ୍ର ନାଥ, ଗୋବିନ୍ଦ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ସୋମବାର ୧୩ ଜୁଲାଇ ୨୦୨୬

## ଖୋଲା ପଡ଼ିଆ ଓ ଆମେ

୧୯୪୯ ମସିହାରେ ଆମେରିକାରେ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇଥିଲା, ଯାହାର ଶୀର୍ଷକ ଥିଲା 'ଏକ୍ସପେରିମେଂଟ ଅନ୍ ମାସ୍ କମ୍ୟୁନିକେସନ୍', ଓଡ଼ିଆରେ କହିଲେ, 'ଗଣମାଧ୍ୟମକୁ ନେଇ ପରୀକ୍ଷାନିରୀକ୍ଷା ।' ସେଥିରେ କୁହାଯାଇଥିଲା ଯେ ଶାସକ, ପ୍ରଶାସକ ଓ ନ୍ୟାୟାଧୀଶମାନଙ୍କ ଦୋଷ ଓ ତ୍ରୁଟିକୁ ଜନସାଧାରଣଙ୍କ ଗୋଚରକୁ ଆଣିବା ଓ ସେମାନଙ୍କୁ ସଜାଗ କରିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହା ଥିଲା ସେଭଳି ଏକ ସମୟ ଯେତେବେଳେ ଗଣମାଧ୍ୟମର ପ୍ରତିନିଧିମାନେ ଏହି ଦାୟିତ୍ୱକୁ ଅତି ନିଷ୍ଠାର ସହିତ ସଂପାଦନ କରୁଥିଲେ । ଏବଂ ସେହି ସମୟ ମଧ୍ୟ ଥିଲା ଇତିହାସର କଡ଼ ଲେଉଟାଣି ବେଳ; ଉପନିବେଶବାଦ ସରି ଆସୁଥିଲା, ବିଭିନ୍ନ ମୋଡ଼ ଦେଇ ଗତି କରି ଗଣତନ୍ତ୍ର ଭୂମି ଉପରେ ସୁଦୃଢ଼ ହେଉଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ମାନବ ଜାତି ଆତ୍ମସମୀକ୍ଷା କରୁଥିଲା । ସେହି ସମୟରେ ପୃଥିବୀ ଗାନ୍ଧୀଜୀଙ୍କ ଅହିଂସ ପନ୍ଥାର ଶକ୍ତି ଓ ପ୍ରଭାବକୁ ସ୍ୱଚକ୍ଷୁରେ ଦେଖି ବିମୋହିତ ମଧ୍ୟ ହେଉଥିଲା । ସୁତରାଂ, ସେହି ସମୟ ଥିଲା ଅତିକାୟ ବ୍ୟକ୍ତିତ୍ୱମାନଙ୍କ ସମୟ,ଯେଉଁମାନେ ଥିଲେ ପ୍ରାଜ୍ଞ, ଦୂରଦ୍ରଷ୍ଟା ଓ ଆତ୍ମସମୀକ୍ଷା କରି ନିଜକୁ ସୁଧାରିବା ଲାଗି ବିନମ୍ର ଭାବେ ପ୍ରସ୍ତୁତ । ଆମ ଦେଶ କଥା ଦେଖନ୍ତୁ । ସେହି ସମୟରେ କିଂବଦନ୍ତୀୟ ବ୍ୟଙ୍ଗ ଚିତ୍ରକର ଶଙ୍କର ପିଲାଇଙ୍କୁ ପଣ୍ଡିତ ଜୱାହରଲାଲ ନେହରୁ କହିଥିଲେ, 'ଡୋନ୍ଟ ସ୍ପେୟାର ମି ଶଙ୍କର' ଅର୍ଥାତ୍ 'ମୋତେ ଛାଡ଼ ନାହିଁ!' ଅର୍ଥାତ୍ ମୋତେ କଡ଼ା ସମାଲୋଚନା କର । ଓଡ଼ିଶାର ବିଖ୍ୟାତ ସମାଲୋଚନାମୂଳକ ପତ୍ରିକା 'ନିଆଁଖୁଣ୍ଟ'ର ସଂପାଦକ ଗୋଦାବରୀଶ ମହାପାତ୍ର ଥିଲେ ତତ୍କାଳୀନ ମହା ପ୍ରଭାବଶାଳୀ ନେତା ହରେକୃଷ୍ଣ ମହତାବ ଓ ରାଧାନାଥ ରଥଙ୍କର ଅତ୍ୟନ୍ତ ଘନିଷ୍ଠ ମିତ୍ର, ଅଥଚ ସେମାନଙ୍କୁ ସ୍ପଷ୍ଟ ଭାବେ କହୁଥିଲେ, ଆପଣମାନଙ୍କ ବିରୋଧରେ ନ ଲେଖିଲେ ମୋ 'ନିଆଁଖୁଣ୍ଟ' ବିକ୍ରି ହେବ କେମିତି ? ତ ସାମ୍ବାଦିକମାନେ ଲେଖୁଥିଲେ, ନେତାମାନେ ସହୁଥିଲେ, ଭୋଗୁଥିଲେ ବା ନିଜକୁ ସୁଧାରୁଥିଲେ । ଆମ ଦେଶରେ ଗଣମାଧ୍ୟମ ଉପରେ ଅଙ୍କୁଶ ଲାଗିଲା ଇନ୍ଦିରା ଗାନ୍ଧୀଙ୍କ 'ଇମର୍ଜେନ୍ସି' କାଳରେ । 'ଇମର୍ଜେନ୍ସି' ପରେ ଅବଶ୍ୟ ଗଣମାଧ୍ୟମ ତା'ର ହୃତ୍ ସ୍ୱାଧୀନତା ଅନେକାଂଶରେ ଫେରି ପାଇଲା, କିନ୍ତୁ ଗଣମାଧ୍ୟମକୁ ବଶ ବା ବଶମ୍ବଦ କରିବାର ମୂଳଦୁଆ ପଡ଼ି ସାରିଥିଲା । ଆଜିର 'କୋଳାଶ୍ରିତ ଗଣମାଧ୍ୟମ' ବା 'ଗୋଦି ମିଡିଆ' ଆଉ କ'ଣ କି ? ସେହି ଦୃଷ୍ଟିରୁ ସାମାଜିକ ଗଣମାଧ୍ୟମର ଉନ୍ମେଷ ଓ ବିକାଶକୁ ସକାରାତ୍ମକ ଆଲୋକରେ ଦେଖାଯିବା ଉଚିତ, କାରଣ ସାମାଜିକ ଗଣମାଧ୍ୟମରେ ନିର୍ଭୀକ ସାମ୍ବାଦିକତା ସମ୍ଭବ ହୋଇପାରୁଛି । ସରକାର ଓ ନେତାମାନେ ଏଥିରେ ପ୍ରବଳ ରୁଷ୍ଟ ହେଉଥିଲେ ହେଁ ତାକୁ ସଂପୂର୍ଣ୍ଣ ବନ୍ଦ କରିବା ଆଦୌ ସମ୍ଭବ ନୁହେଁ, ଯଦିଓ ସାମାଜିକ ଗଣମାଧ୍ୟମରେ ସକ୍ରିୟ କିଛି ସାମ୍ବାଦିକ ବ୍ୟବସ୍ଥା ବା ଶାସନ ତନ୍ତ୍ରର କୋପ ସହୁଛନ୍ତି । ସୁତରାଂ, ସାମାଜିକ ଗଣମାଧ୍ୟମରେ ସମାଲୋଚନାର ସ୍ୱରର ସଂପୂର୍ଣ୍ଣ କଣ୍ଠରୋଧ ସମ୍ଭବ ନୁହେଁ । ଏହା ଏକ ଆଶ୍ୱସ୍ତିର ବିଷୟ । କିନ୍ତୁ ଏକ ମୂଳ ପ୍ରଶ୍ନ ହେଲା ସମାଜ ବା ବ୍ୟବସ୍ଥାର ତ୍ରୁଟି ବିଚ୍ୟୁତିକୁ ଉଜାଗର କରି ତାକୁ ସୁଧାରିବାରେ ପ୍ରବୃତ୍ତ ସାମାଜିକ ଗଣମାଧ୍ୟମର ତ୍ରୁଟିକୁ ସୁଧାରିବ କିଏ ? ବିଶିଷ୍ଟ ଲେଖକ ଦାଶ ବେନହୁର ଥରେ 'ଫେସ୍‌ବୁକ୍'ରେ ଲେଖିଥିଲେ: 'ସାମାଜିକ ଗଣମାଧ୍ୟମ ହେଉଛି ଏକ ଖୋଲା ପଡ଼ିଆ, କିନ୍ତୁ, ସେଠାରେ ଯଦି କିଏ ମଳତ୍ୟାଗ କଲା, ତେବେ କଥା ସଇଲା' । କଥାଟି ସେଇଠି । କାରଣ ସାମାଜିକ ଗଣମାଧ୍ୟମ ମଧ୍ୟ ଅଶ୍ଳୀଳତା, ଅସାରତା, ଅରୁଚିକର ବ୍ୟକ୍ତିଗତ ଆକ୍ଷେପ, ଅନାବଶ୍ୟକ ନିନ୍ଦା ଆଦିରେ ଭରପୂର ! ଏହା ଆକ୍ରମଣ ଓ ପ୍ରତିଆକ୍ରମଣର ରଣକ୍ଷେତ୍ର ପାଲଟିଛି । ଏଥିରୁ ଉଠୁଥିବା ମିଛ ଓ ଗୁଜବର ଘୂର୍ଣ୍ଣିଝଡ଼ ଭୟାବହ ହିଂସା ଓ ରକ୍ତପାତ ମଧ୍ୟ ଘଟାଉଛି । ତେଣୁ ଗଣମାଧ୍ୟମର ଉଦ୍ଦେଶ୍ୟ ପୃଷ୍ଠଭୂମିରୁ ବିଚାର କରିବା ଯଦି ସାମାଜିକ ଗଣମାଧ୍ୟମର ଉପସ୍ଥିତି ଆଶ୍ୱାସନାଦାୟକ, ଏହି ଖୋଲା ପଡ଼ିଆକୁ ସମସ୍ତଙ୍କର ଅବାଧ ପ୍ରବେଶ ଅଧିକାର ଥିବାରୁ ଏହାକୁ ଅପରିଷ୍କାର କରିବାରେ ବାଇ ଅସଂଖ୍ୟ ଲୋକେ ଏଠି ତାରକା ପାଲଟିଲେଣି । ଏହା ହେଉଛି ବିଡ଼ମ୍ବନା !

## ରଥଯାତ୍ରା ପାଇଁ ଆନ୍ତଃ ବିଭାଗ ସମନ୍ୱୟ ବୈଠକ

ପୁରୀ : ନିଜକୁ ଜଣେ ଦାୟିତ୍ୱବାନ ଅଧିକାରୀ ବା କର୍ମଚାରୀ ବୋଲି ମନେ କରିବା ସହ ରଥଯାତ୍ରାରେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପରାମର୍ଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ବରିଷ୍ଠ ଅଧିକାରୀ, ମାଜିଷ୍ଟ୍ରେଟ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କର ଏକ ଆନ୍ତଃ ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ଯେଉଁ ଅଧିକାରୀ ମାନଙ୍କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ସେ ସମ୍ପର୍କରେ ସେ ସଠିକ ଭାବେ ଅବଗତ ହେବା ଅତ୍ୟନ୍ତ ଜରୁରୀ । ସେହିପରି ଯେଉଁ ଅଂଚଳ ପାଇଁ ନିୟୋଜିତ ତାହାକୁ ଭଲ ଭାବେ ଅନୁଧ୍ୟାନ କରି ନିଅନ୍ତୁ । ପୋଲିସ, ସୁରକ୍ଷା ଅଧିକାରୀ, ସୁରକ୍ଷା କର୍ମୀ, ଅନ୍ୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସହ ସୁ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ । ଏହା କାମକୁ ସହଜ କରିଥାଏ । ସର୍ବୋପରି ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କୁ ନମ୍ର ଓ ଭଦ୍ର ବ୍ୟବହାର କରିବା,ନିଜ ଦାୟିତ୍ୱ ସମୟ ସହ ଅନ୍ୟ ଅଧିକାରୀ ଆସିଲେ ତାଙ୍କୁ ସେହି ଅଂଚଳ ସମ୍ପର୍କରେ ସୂଚନା ପ୍ରଦାନ କରି ଦାୟିତ୍ୱ ହସ୍ତାନ୍ତର କରିବା, ରାତି ଦାୟିତ୍ୱ ରେ ରହୁଥିବା ଅଧିକାରୀ ମାନେ ଅଧିକ ଯତ୍ନବାନ ହେବା, କୌଣସି ସମସ୍ୟା ହେଲେ ତୁରନ୍ତ କଣ୍ଟ୍ରୋଲ ରୁମ ବା ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇ ସମାଧାନ କରିବା ସମ୍ପର୍କରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।କେଉଁଠି କଣ ଅତ୍ୟାବଶ୍ୟକ ସୁବିଧା ଯଥା ଆଶୁ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା,ସୂଚନା କେନ୍ଦ୍ର, ପୋଲିସ ସହାୟତା କେନ୍ଦ୍ର, ଶୌଚାଳୟ ଇତ୍ୟାଦି ସମ୍ପର୍କରେ ଧାରଣା ରଖନ୍ତୁ,ଯାହା ଫଳରେ ଶ୍ରଦ୍ଧାଳୁ ମାନଙ୍କୁ ଅବଗତ ତଥା ସାହାଯ୍ୟ କରି ପାରିବା ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ । ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା ମହାନଗର ନିଗମର ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ଏକତା ଓ ପ୍ରଗତି ପାଇଁ ସମର୍ପିତ ଜୀବନ

ଡକ୍ଟର ମୁଖାର୍ଜୀଙ୍କ ମାନବୀୟ କାର୍ଯ୍ୟ ମଧ୍ୟ ଅସାଧାରଣ ଥିଲା । ୧୯୪୩ ମସିହାରେ ବଙ୍ଗରେ ସବୁଠାରୁ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିବା ସମୟରେ ସେ ପ୍ରଭାବିତ ଲୋକଙ୍କ ସେବା କରିବାରେ ନିଜକୁ ଉତ୍ସର୍ଗ କରିଥିଲେ । ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କ୍ୟାମ୍ପିଂନ୍ ଓ ରିଲିଫ୍ କେନ୍ଦ୍ର ଖୋଲିବାରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ରାଷ୍ଟ୍ରବାଦ ଓ ନିଃସ୍ୱାର୍ଥ ସେବାର ଆଦର୍ଶରେ ବିଶ୍ୱାସ କରୁଥିବା ଅଗଣିତ ଲୋକଙ୍କ ପାଇଁ ୬ ଜୁଲାଇର ବିଶେଷ ମହତ୍ୱ ରହିଛି । ଆମେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରୁଛେ । ତାଙ୍କ ଜୀବନ ସାହସ ଏବଂ ମା' ଭାରତୀ ପ୍ରତି ଅତୁଟ ସମର୍ପଣର ଏକ ଚିରସ୍ଥାୟୀ ଉଦାହରଣ ହୋଇ ରହିଛି । ଆଧୁନିକ ଭାରତରେ ଏପରି ନେତା ବିରଳ ଯାହାଙ୍କ ଠାରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଭଳି ବୁଦ୍ଧିମତା, ଜନସେବା ଓ ନୈତିକ ଦୃଢ଼ତାର ଏତେ ଗଭୀର ସଂଗମ ଦେଖିବାକୁ ମିଳୁଥିବ । ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଏପରି ଏକ ପରିସ୍ଥିତିରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସେ ଚାହିଁଥିଲେ ସୁରକ୍ଷିତ ଓ ଆରାମଦାୟକ ଜୀବନଯାପନ ଅତିବାହିତ କରିପାରିଥାନ୍ତେ । ତାଙ୍କ ପିତା ସାର ଆଶୁତୋଷ ମୁଖାର୍ଜୀ ତତ୍କାଳୀନ ସମୟର ଜଣେ ଅଗ୍ରଣୀ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଥିଲେ । ଭାଗ୍ୟ ତାଙ୍କ ଆଗରେ ବିଶେଷାଧିକାରର ମାର୍ଗ ରଖିଥିଲେ ମଧ୍ୟ ତାଙ୍କର ଅନ୍ତରାତ୍ମା ତାଙ୍କୁ ବଳିଦାନ ଓ ରାଷ୍ଟ୍ର ସେବା ଦିଗରେ ଆଗେଇ ନେଇଥିଲା । ଉପନିବେଶବାଦ, ସାମ୍ପ୍ରଦାୟିକତା, ମାନବୀୟ ଆହ୍ୱାନ ହେଉ କିମ୍ବା ଅନ୍ୟ କୌଣସି ସମସ୍ୟା, ନିଜ ସମୟର ଅସ୍ଥିରତାକୁ ଦେଖି ସେ କେବଳ ଜଣେ ମୂକ ଦର୍ଶକ ସାଜିପାରିବେ ନାହିଁ ବୋଲି ତାଙ୍କ ମନରେ ବିଶ୍ୱାସ ଦୃଢ଼ ହୋଇଥିଲା । ଏହି ଯାତ୍ରା ସମୟରେ ତାଙ୍କୁ ଗୁରୁତର ବ୍ୟକ୍ତିଗତ ଦୁଃଖର ସାମ୍ନା କରିବାକୁ ପଡ଼ିଥିଲା । ପ୍ରଥମେ ତାଙ୍କର ନବଜାତ ଶିଶୁ ଏବଂ ପରେ ତାଙ୍କ ପତ୍ନୀ ପ୍ରାଣ ହରାଇଥିଲେ । କିନ୍ତୁ ଏହି ସବୁ ବ୍ୟକ୍ତିଗତ ଧକ୍କା ତାଙ୍କର ସଂକଳ୍ପକୁ ଆହୁରି ଗଭୀର କରିଥିଲା ଏବଂ ସେବା ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତାକୁ ଅଧିକ ମଜଭୁତ କରିଥିଲା । ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସାର୍ବଜନୀନ ଜୀବନକୁ ପରିଭାଷିତ କରିଥିବା ଏକମାତ୍ର ଆଦର୍ଶ ଥିଲା ଭାରତର ଅଖଣ୍ଡତା । ବିଭାଜନର ଅସ୍ଥିରତାପୂର୍ଣ୍ଣ ସମୟରେ ସେ ଦୃଢ଼ତାର ସହ ଛିଡ଼ା ହୋଇଥିଲେ, ଯାହାଫଳରେ ପଶ୍ଚିମବଙ୍ଗ ଭାରତର ଅଭିନ୍ନ ଅଙ୍ଗ ହୋଇରହିବା ସୁନିଶ୍ଚିତ ହୋଇଥିଲା । କିଛି ବର୍ଷ ପରେ ଏହି ଦୃଢ଼ ବିଶ୍ୱାସ ତାଙ୍କୁ ଜାମ୍ମୁ-କାଶ୍ମୀର ଆଡ଼କୁ ଆଗେଇ ନେଇଥିଲା । ଜେଲରେ ବନ୍ଦୀ ହେବା ସତ୍ତ୍ୱେ ତାଙ୍କର ଦୃଢ଼ ସଂକଳ୍ପ ଅତୁଟ ରହିଥିଲା ଏବଂ ନିସଂଗତା ତାଙ୍କର ମନୋବଳକୁ ଭାଙ୍ଗି ପାରି ନଥିଲା । କାରାବାସରେ ହିଁ ତାଙ୍କର ଜୀବନ ଦୀପ ଅକସ୍ମାତ୍ ଲିଭି ଯାଇଥିଲା । ଶେଷ ସମୟରେ ଡକ୍ଟର ମୁଖାର୍ଜୀ ସେହି ଅଗଣିତ ଲୋକଙ୍କ ଠାରୁ ଦୂରରେ ଥିଲେ ଯେଉଁମାନଙ୍କ ଲକ୍ଷ୍ୟକୁ ସେ ଆପଣାଇ ନେଇଥିଲେ । ଇତିହାସରେ ଏପରି ମୁହୂର୍ତ୍ତ ଆସିଥାଏ ଯେତେବେଳେ କୌଣସି ବ୍ୟକ୍ତିଙ୍କର ଅନ୍ତିମ ବଳିଦାନ ରାଜନୀତି ଠାରୁ ଉର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ରୀୟ ସ୍ମୃତିର ଏକ ଅଂଶବିଶେଷ ପାଲଟିଯାଏ । ଡକ୍ଟର ମୁଖାର୍ଜୀଙ୍କ ଅନ୍ତିମ ଯାତ୍ରା ମଧ୍ୟ ଏପରି ଏକ ମୁହୂର୍ତ୍ତ । ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ, ''ଡକ୍ଟର ମୁଖାର୍ଜୀ ସେହି ଲକ୍ଷ୍ୟ ପାଇଁ ନିଜର ବଳିଦାନ ଦେଇଥିଲେ ଯେଉଁଥିରେ ତାଙ୍କର ବିଶ୍ୱାସ ରହିଥିଲା ।'' ଅନେକ ବର୍ଷ ପରେ ୨୦୧୯ରେ ଅନୁଚ୍ଛେଦ ୩୭୦ ଓ ୩୫ (ଏ) ଉଚ୍ଛେଦ ତାଙ୍କ ବଳିଦାନ ପାଇଁ ସବୁଠୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଥିଲା । ଡକ୍ଟର ମୁଖାର୍ଜୀଙ୍କ ପାଇଁ ଭାରତ ଓ ଭାରତୀୟ ମୂଲ୍ୟବୋଧ ସର୍ବୋପରି ଥିଲା । ସେ ଏପରି ପ୍ରତିଷ୍ଠାନ ଗଢ଼ିଥିଲେ ଏବଂ ଏଭଳି ପ୍ରଣାଳୀ ବିକଶିତ କରିଥିଲେ, ଯାହା ତତ୍କାଳୀନ ସମୟର ପାରମ୍ପରିକ ଚିନ୍ତାଧାରାର ବିପରୀତ ଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟର ସବୁଠୁ କମ୍ ବୟସ୍କ କୁଳପତି ହୋଇଥିଲେ । ନିଜର ଅଭିନବ ଶୈଳୀରେ ସେ ଏପରି ସକାରାତ୍ମକ ପରିବର୍ତ୍ତନ ଆଣିଥିଲେ ଯାହା ଦେଶଭକ୍ତିପୂର୍ଣ୍ଣ ଏବଂ ଭବିଷ୍ୟତ ଆଧାରିତ ଥିଲା । ଶିକ୍ଷାବିତ୍‌ମାନଙ୍କର ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ମୁଖାର୍ଜୀ ଗୋଟିଏ ଭଲ କଥା କହିଥିଲେ : ''ଶିକ୍ଷାନୁଷ୍ଠାନକୁ କେବଳ କିଛି କିରାଣୀ ଏବଂ କମ୍ ବେତନ ପାଉଥିବା କର୍ମଚାରୀଙ୍କ ପ୍ରସ୍ତୁତି କାରଖାନା ରୂପେ ଦେଖିବା ଭୁଲ୍ । ଆମକୁ ଏପରି ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାକୁ ହେବ ଯେଉଁମାନେ ଆମର ସ୍ୱୟଂଶାସିତ ଅନୁଷ୍ଠାନ ଯଥା ନଗର ନିଗମ, ପ୍ରାନ୍ତୀୟ ଓ କେନ୍ଦ୍ରୀୟ ବିଧାନସଭାର ନେତୃତ୍ୱ ନେଇପାରିବେ । ଏଥିସହିତ ଆର୍ଥିକ, ବାଣିଜ୍ୟିକ ଓ ଔଦ୍ୟୋଗିକ ଭଳି ଜୀବନର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ପରିଚାଳନା କରିପାରିବେ ।'' ତାଙ୍କ ନେତୃତ୍ୱରେ, କଲିକତା ବିଶ୍ୱବିଦ୍ୟାଳୟ ପାଠାଗାର ଭିନ୍ନିଭୂମିର ଉନ୍ନତି, ବିଜ୍ଞାନ ଗବେଷଣା ବୃଦ୍ଧି, କଳାକୃତି ଅଧ୍ୟୟନକୁ ପ୍ରୋତ୍ସାହନ ଏବଂ କୃଷିରେ ପାଠ୍ୟକ୍ରମ ପ୍ରଚଳନ କରିବା ଭଳି ଅଭିନବ ପଦକ୍ଷେପ ଗ୍ରହଣ କରିଥିଲା । ସେ କ୍ରୀଡ଼ା, ଶିକ୍ଷକ ତାଲିମ ଓ ଛାତ୍ର କଲ୍ୟାଣ ଭଳି କ୍ଷେତ୍ରଗୁଡ଼ିକ ପ୍ରତି ଧ୍ୟାନ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୀତ ରଚନା କରିବା ଲାଗି ସେ ଅନ୍ୟ କେହି ନୁହେଁ ସ୍ୱୟଂ ଗୁରୁଦେବ ଟାଗୋରଙ୍କୁ ଅନୁରୋଧ କରିଥିଲେ ।

ଏପରି ମନୋଭାବର ଆଉ ଏକ ଉଦାହରଣ ତାଙ୍କ ଜୀବନର ଶେଷ ଭାଗରେ ଦେଖିବାକୁ ମିଳିଥିଲା । ଏହି ସମୟରେ ସେ ଭାରତୀୟ ଜନସଂଘ ଗଠନ କରିବାକୁ ନିଷ୍ପତି ନେଇଥିଲେ । ତତ୍କାଳୀନ ସମୟରେ କଂଗ୍ରେସ ଦଳ ସର୍ବବ୍ୟାପୀ ଥିଲା । ଆମର ସାଂସ୍କୃତିକ ମୂଳଦୁଆ ସହ ଜଡ଼ିତ ରହି ଭାରତର ପ୍ରଗତି ପାଇଁ ଏକ ବିକଳ୍ପ ସ୍ୱର ଉତ୍ତୋଳନ କରିବାର ଆବଶ୍ୟକତା ରହିଛି ବୋଲି ସେ ଅନୁଭବ କରିଥିଲେ । ଦଳର ପ୍ରତୀକ ସ୍ୱରୂପ ଦୀୟା ବା ମାଟି ଦୀପକୁ ଗ୍ରହଣ କରିବା ଉପଯୁକ୍ତ ନିଷ୍ପତ୍ତି ଥିଲା । ଦୀପ ସାମାନ୍ୟ ହୋଇପାରେ କିନ୍ତୁ ଏହା ନିଜ ଠାରୁ ବହୁ ଦୂରରେ ଥିବା ଅନ୍ଧକାରକୁ ଦୂର କରିବାର ସାମର୍ଥ୍ୟ ରଖିଥାଏ । ଜନସଂଘ ଠିକ୍ ଏହିପରି ଭାବରେ କାର୍ଯ୍ୟ କରିଥିଲା । ଭାରତର ପ୍ରଥମ ଶିଳ୍ପ ଏବଂ ଯୋଗାଣ ମନ୍ତ୍ରୀ ଭାବରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ କାର୍ଯ୍ୟକାଳ ଜଣେ ରାଜନେତା ଭାବେ ତାଙ୍କ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରିଥିଲା । ବିକାଶକୁ ନେଇ ତାଙ୍କର ଧାରଣା ଅତ୍ୟନ୍ତ ବ୍ୟାପକ ଓ ମାନବୀୟ ଥିଲା । ନୂଆ କରି ସ୍ୱାଧୀନ ହୋଇଥିବା ଗୋଟିଏ ରାଷ୍ଟ୍ରର ମର୍ଯ୍ୟାଦା, ସୁଯୋଗ ଓ ଆତ୍ମବିଶ୍ୱାସ ଫେରାଇ ଆଣିବା ଲାଗି ସେ ଶିଳ୍ପକୁ ଏକ ମାଧ୍ୟମ ରୂପେ ଦେଖୁଥିଲେ । ସେ ସମ୍ପତି ସୃଷ୍ଟିକୁ ସମ୍ମାନ କରୁଥିଲେ । ଦାମୋଦର ଭ୍ୟାଲି କର୍ପୋରେସନ, ସିନ୍ଦ୍ରି ସାର କାରଖାନା ଏବଂ ଏକ ଦୃଢ଼ ଶିଳ୍ପ ନୀତି ଭଳି ଅଗ୍ରଣୀ ପଦକ୍ଷେପ ମାଧ୍ୟମରେ ଡକ୍ଟର ମୁଖାର୍ଜୀ ଆଧୁନିକ ଶିଳ୍ପ ସମ୍ପନ୍ନ ଭାରତର ମୂଳଦୁଆ ଗଢ଼ିଥିଲେ । ଅନୁରୂପ ଭାବେ ସେ ଭାରତର ପାରମ୍ପରିକ ଶକ୍ତିକୁ ମଧ୍ୟ କେବେ ଅବହେଳା କରି ନଥିଲେ । ହସ୍ତତନ୍ତ, କୁଟୀର ଶିଳ୍ପ, କାରିଗର ଓ ବୟନ ଶ୍ରମିକଙ୍କ କଲ୍ୟାଣ ପାଇଁ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି । ଏଠାରେ, ମୁଁ ଏକ ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିବାକୁ ଚାହେଁ । ଡକ୍ଟର ମୁଖାର୍ଜୀ ଯେଉଁ ସିନ୍ଦ୍ରି ପ୍ଲାଂଟକୁ ଆତ୍ମନିର୍ଭରଶୀଳତାର ସ୍ପଷ୍ଟ ଦୃଷ୍ଟିକୋଣ ସହିତ ପ୍ରତିଷ୍ଠା କରିବା ପାଇଁ କାମ କରିଥିଲେ ସେହି ଶିଳ୍ପାନୁଷ୍ଠାନକୁ ଅନେକ ଦଶନ୍ଧି ଧରି ଦେଶ ଚଳାଉଥିବା ଲୋକମାନେ ଅଣଦେଖା କରିଥିଲେ । ଆମ ସରକାରଙ୍କୁ ଏହାର ପୁନରୁଦ୍ଧାରରେ ଯୋଗଦାନ ଦେବାର ସୁଯୋଗ ମିଳିଥିବାରୁ ମୁଁ ଗୌରବାନ୍ୱିତ ମନେ କରୁଛି । ଭାରତର ସଭ୍ୟତାଗତ ପରମ୍ପରାରେ ଆଲୋଚନା ଓ ବିତର୍କକୁ ଦୀର୍ଘ ଦିନ ଧରି ସମ୍ମାନ ଦିଆଯାଇ ଆସୁଛି । ଡକ୍ଟର ମୁଖାର୍ଜୀ ଏହି ଗଣତାନ୍ତ୍ରିକ ଭାବନାକୁ ମୂର୍ତ୍ତିମନ୍ତ କରିଥିଲେ । ସେ ପଣ୍ଡିତ ନେହରୁଙ୍କ ମନ୍ତ୍ରିମଣ୍ଡଳରେ ଯୋଗ ଦେଇଥିଲେ କାରଣ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ରାଷ୍ଟ୍ର ନିର୍ମାଣର କାର୍ଯ୍ୟ ରାଜନୈତିକ ମତଭେଦ ଠାରୁ ଉର୍ଦ୍ଧ୍ୱରେ ଥିଲା ବୋଲି ସେ ଚିନ୍ତା କରୁଥିଲେ । ସେ ଆନ୍ତରିକତା ଏବଂ ଗଠନମୂଳକ ମନୋଭାବ ସହିତ ସେବା କରିଥିଲେ । କିନ୍ତୁ ରାଷ୍ଟ୍ରୀୟ ଗୁରୁତ୍ୱ ବହନ କରୁଥିବା ପ୍ରଶ୍ନଗୁଡ଼ିକ ପାଇଁ ଏକ ଭିନ୍ନ ପଥର ଆବଶ୍ୟକତା ରହିଛି ବୋଲି ଯେତେବେଳେ ସେ ଅନୁଭବ କଲେ ସେତେବେଳେ ମର୍ଯ୍ୟାଦାର ସହିତ ନିଜ ପଦ ତ୍ୟାଗ କରିଥିଲେ । ଏହାପରେ ରାଷ୍ଟ୍ର ଆବଶ୍ୟକ କରୁଥିବା ରାଜନୈତିକ କାର୍ଯ୍ୟରେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କଲେ । ୭୫ ବର୍ଷ ପୂର୍ବେ ପଣ୍ଡିତ ନେହରୁ ପ୍ରଥମ ସଂଶୋଧନ ଆଣିଥିଲେ, ଯାହା ବାକ୍ ସ୍ୱାଧୀନତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ଥିଲା । ଡକ୍ଟର ମୁଖାର୍ଜୀ ଏହାର କଠୋର ସମାଲୋଚକମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ କଂଗ୍ରେସ କ'ଣ କରିପାରିବ ତାହା ସମ୍ପୂର୍ଣ୍ଣ ବୁଝିପାରିଥିଲେ । ଆଉ ତାଙ୍କର ଏହି ଭାବନା ଠିକ୍ ଥିଲା । ୭୫ ବର୍ଷ ପୂର୍ବେ ପ୍ରଥମ ସଂଶୋଧନ ଆଣିଥିବା ଲୋକମାନେ ହିଁ ୫୦ ବର୍ଷ ପୂର୍ବେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ । ଏଥିପାଇଁ ସେମାନେ ୪୨ତମ ସଂଶୋଧନ ଆଇନ ଆଣିଥିଲେ, ଯାହା ପୁଣି ଥରେ ଉଦାର ଗଣତାନ୍ତ୍ରିକ ମୂଲ୍ୟବୋଧର ମୂଳଦୁଆ ଉପରେ ଆଘାତ କରିଥିଲା । ଡକ୍ଟର ମୁଖାର୍ଜୀଙ୍କ ମାନବୀୟ କାର୍ଯ୍ୟ ମଧ୍ୟ ଅସାଧାରଣ ଥିଲା । ୧୯୪୩ ମସିହାରେ ବଙ୍ଗରେ ସବୁଠାରୁ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିବା ସମୟରେ ସେ ପ୍ରଭାବିତ ଲୋକଙ୍କ ସେବା କରିବାରେ ନିଜକୁ ଉତ୍ସର୍ଗ କରିଥିଲେ । ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କ୍ୟାମ୍ପିଂନ୍ ଓ ରିଲିଫ୍ କେନ୍ଦ୍ର ଖୋଲିବାରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଗୋଟିଏ ପଟେ ନିଜ ଲୋକଙ୍କ ଦୁର୍ଦ୍ଦଶା ଦେଖି ସେ ଗଭୀର ଭାବରେ ମର୍ମାହତ ହୋଇଥିଲେ ଏବଂ ଅନ୍ୟପଟେ ଉପନିବେଶବାଦୀ ଶାସକଙ୍କ ସମ୍ବେଦନହୀନତା ତାଙ୍କ ମନରେ ଘୃଣା ଉତ୍ପନ୍ନ କରିଥିଲା । ସେ 'ପଂଚଶେର ମନ୍ୱନ୍ତର' ନାମକ ଏକ ପୁସ୍ତକ ମଧ୍ୟ ଲେଖିଥିଲେ, ଯେଉଁଥିରେ ସେ ତାଙ୍କର କ୍ଷୋଭ ପ୍ରକାଶ କରିଥିଲେ । କୋଲକାତାର ଏକ ମହାବିଦ୍ୟାଳୟରେ ଭାଷଣ ଦେବା ଅବସରରେ ଡକ୍ଟର ମୁଖାର୍ଜୀ ଯୁବପିଢ଼ିକୁ ଆହ୍ୱାନ ଦେଇଥିଲେ, ''ତୁମେମାନେ ଯେଉଁ କାର୍ଯ୍ୟ କରୁଛ, ତାକୁ ଗମ୍ଭୀରତାର ସହିତ, ସମ୍ପୂର୍ଣ୍ଣ ଓ ଭଲ ଭାବରେ କର; ଏହାକୁ କେବେ ବି ଅଧା କିମ୍ବା ଅସମ୍ପୂର୍ଣ୍ଣ ଛାଡ଼ି ଦିଅ ନାହିଁ । ନିଜର ସର୍ବୋତ୍ତମ ପ୍ରୟାସ ନକରିବା ପର୍ଯ୍ୟନ୍ତ ସନ୍ତୁଷ୍ଟ ହୁଅ ନାହିଁ ।'' ଆମ ଦେଶ ଏକ ବିକଶିତ ଭାରତର ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ସହିତ ଡକ୍ଟର ମୁଖାର୍ଜୀଙ୍କୁ ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ଦେବା ଲାଗି ଆମ ପାଖରେ ଉପଯୁକ୍ତ ସୁଯୋଗ ରହିଛି । ଆସନ୍ତୁ ଆମେ ଏକ ଶକ୍ତିଶାଳୀ, ଅଖଣ୍ଡ, ଆତ୍ମବିଶ୍ୱାସୀ ଓ କରୁଣାପୂର୍ଣ୍ଣ ଭାରତ ଗଠନ କରିବା ଲାଗି ଦୈନନ୍ଦିନ ପ୍ରୟାସ କରିବା । ଏଭଳି ଏକ ଭାରତ ଗଢ଼ିବା ଲାଗି ଡକ୍ଟର ମୁର୍ଖାଜୀଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ବର୍ତ୍ତମାନର ଯୁବପିଢ଼ିଙ୍କୁ ମୁଁ ଯେତିକି ଜାଣିଛି ସେମାନେ ଏ ସୁଯୋଗର ଲାଭ ଉଠାଇ ନିଶ୍ଚିତ ଭାବେ ଏହି ସ୍ୱପ୍ନକୁ ସାକାର କରିବେ ବୋଲି ମୋର ବିଶ୍ୱାସ ।

## ଜନତା, ଜନଜାଗରଣ ଓ ଗଣମାଧ୍ୟମ

ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ । ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ । ଗତ କିଛି ଦଶନ୍ଧି ମଧ୍ୟରେ ଆମେ ସମୟ ସମୟରେ ଦେଖିଛୁ ଯେ ଦେଶର ଗଣମାଧ୍ୟମ ସାଧାରଣ ଲୋକଙ୍କ ଶକ୍ତି ପାଲଟିଛି । ତାଙ୍କୁ ଶୋଷଣ ଏବଂ ଅନ୍ୟାୟଚକ୍ରରୁ ମୁକ୍ତି ଦେଉଥିବାର ଦେଖିଛୁ । ଯେତେବେଳେ କୌଣସି ସରକାର ସାଧାରଣ ଲୋକଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରିଛନ୍ତି, ସେତେବେଳେ ଗଣମାଧ୍ୟମ ଏହାର ଜନବିରୋଧୀ ନୀତିରୁ ମୁକ୍ତି ପାଇବାରେ ଲୋକଙ୍କୁ ସାହାଯ୍ୟ କରିଛି । ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଗଣମାଧ୍ୟମ କେତେବେଳେ ଜନସାଧାରଣଙ୍କ ସ୍ୱର ପାଲଟିଛି, କେତେବେଳେ ଆଖି ପାଲଟିଛି, ଆଉ କେତେବେଳେ ମସ୍ତିଷ୍କ ପାଲଟିଛି ଏବଂ ସମସ୍ତଙ୍କୁ ସଠିକ୍ ପଥ ଦେଖାଇଛି । ସ୍ୱାଧୀନତାଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ, ଆନ୍ଦୋଳନଠାରୁ ଯୁଦ୍ଧ ସମୟ ପର୍ଯ୍ୟନ୍ତ, ଆଧୁନିକ ଯୁଗରେ ମଧ୍ୟ ଆମେ ଗଣମାଧ୍ୟମର ଏହି ଅବିଶ୍ୱସନୀୟ ଶକ୍ତିକୁ ବାରମ୍ବାର ଦେଖିଛୁ । ଭାରତୀୟ ଗଣମାଧ୍ୟମ ସବୁବେଳେ ସମାଜ ଏବଂ ଦେଶର ପ୍ରତ୍ୟେକ ଛୋଟ ୟୁନିଟର ଉନ୍ନତି ଏବଂ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଯଦି ଆଜି ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର, ତେବେ ଏଥିରେ ଗଣମାଧ୍ୟମର ମଧ୍ୟ ଏକ ବଡ଼ ଭୂମିକା ରହିଛି । ପୂର୍ବରୁ ଆମେ ଆମର ଭୁଲରୁ ଶିଖୁଥିଲୁ, ଏବେ ଆମେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖି ଆଗକୁ ବଢ଼ୁଛୁ । ଯଦି ବିହାରର ଜଣେ ଚାଷୀ ଏକ ସ୍ୱତନ୍ତ୍ର କୌଶଳ ବ୍ୟବହାର କରି ତାଙ୍କର ଫସଲ ଅମଳକୁ ଚାରିଗୁଣ କରନ୍ତି, ତେବେ ଗଣମାଧ୍ୟମ ଦେଶର ପ୍ରତ୍ୟେକ କୋଣରେ ଥିବା ଚାଷୀମାନଙ୍କ ପାଖରେ ଏହି ଖବର ପହଁଚାଏ । ଯଦ୍ୱାରା ଚାଷୀମାନେ ଏଥିରୁ ପ୍ରେରଣା ପାଇପାରିବେ ଏବଂ ନିଜ ସ୍ତରରେ ସମାନ ପରୀକ୍ଷଣ କରିପାରିବେ । ଧୀରେ ଧୀରେ ଜଣେ ବ୍ୟକ୍ତିଙ୍କ ସଫଳତା ସମଗ୍ର ଜାତିର ସଫଳତାରେ ପରିଣତ ହୁଏ । ଏକବିଂଶ ଶତାବ୍ଦୀର ଆରମ୍ଭରୁ ବିଶ୍ୱ, ସମାଜ ଏବଂ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି । ଗଣମାଧ୍ୟମ ମଧ୍ୟ ଏହି ପରିବର୍ତ୍ତନର ପ୍ରଭାବରୁ ଅସ୍ପୃଶ୍ୟ ରହିନାହିଁ । ଗଣମାଧ୍ୟମର ଭୂମିକା ମଧ୍ୟ ପରିବର୍ତ୍ତନ ହେଉଛି । ଏହି ନୂତନ ଭୂମିକା ତାଙ୍କୁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରୁ ବିଚଳିତ କରୁଛି । ତେଣୁ ଲୋକମାନେ ଏବେ ଗଣମାଧ୍ୟମ ଉପରୁ ବିଶ୍ୱାସ ହରାଉଛନ୍ତି । ଆଜିରଯୁଗ ସୂଚନା ବିପ୍ଳବର ଯୁଗ ହୋଇଥିବାରୁ ଏହା ଗଣମାଧ୍ୟମର ଶକ୍ତି ଏବଂ ଗତି ଉଭୟକୁ ବୃଦ୍ଧି କରିଛି । ଏବେ ଆମେ ପୂର୍ବ ଅପେକ୍ଷା ବହୁତ ଶୀଘ୍ର ସୂଚନା ପାଇପାରୁଛୁ, ଏବଂ ସେହି ସୂଚନାକୁ ଆହୁରି ଦ୍ରୁତ ଗତିରେ ଜନସାଧାରଣଙ୍କ ନିକଟରେ ପହଁଚାଇପାରୁଛୁ । ପ୍ରଯୁକ୍ତିବିଦ୍ୟା ବିକାଶର ପରିବର୍ତ୍ତନ ଯୋଗୁଁ ଆମକୁ ମିଳିଥିବା ଏହି ନୂତନ ଶକ୍ତିକୁ ଆମେ ଚିହ୍ନି ପାରିଛୁ, କିନ୍ତୁ ଆମେ ଏପର୍ଯ୍ୟନ୍ତ ଏହାକୁ ସଠିକ୍ ଭାବରେ ବ୍ୟବହାର କରିପାରୁନାହୁଁ । ପାରମ୍ପରିକ ଧାରଣା ଅନୁଯାୟୀ ଗଣମାଧ୍ୟମର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୂଚନା, ଶିକ୍ଷା ଏବଂ ମନୋରନ । କିନ୍ତୁ ବର୍ନ୍ତମାନ ସମୟରେ ଅନ୍ୟମାନଙ୍କଠାରୁ ଆଗରେ ରହିବାର ଦୌଡ଼ରେ ଆମେ ଖବରକୁ ମନୋରନର ଏକମାତ୍ର ମାଧ୍ୟମ କରିଚାଲିଛୁ । ଏହା ଯୋଗୁଁ ସବୁଠାରୁ ବଡ଼ କ୍ଷତି ସାଧାରଣ ଲୋକଙ୍କର ହୋଇଛି, ଯାହାଙ୍କ ଉନ୍ନତି ଏବଂ କଲ୍ୟାଣ ଆମର ପ୍ରାଥମିକ ଦାୟିତ୍ୱ । ଆମେ ତାଙ୍କୁ ଏପରି ସୂଚନାର ସମୁଦ୍ରରେ ଛାଡ଼ି ଦେଇଛୁ ଯେଉଁଠାରେ ସେ ଠିକ୍ ଏବଂ ଭୁଲ ଏବଂ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ହରାଇ ବସିଛନ୍ତି । ସେ ବୁଝିପାରୁନାହାଁନ୍ତି ଯେ କେଉଁ ସୂଚନା ତାଙ୍କ ସ୍ୱାର୍ଥରେ ଏବଂ କେଉଁଟି ତାଙ୍କ ବିରୁଦ୍ଧରେ ଯାଇପାରେ । ସ୍ୱାଧୀନ ଭାରତର ଗଣମାଧ୍ୟମ ଅର୍ଥନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ବହୁତ ଅବଦାନ ରଖିଛି । ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି । ଗଣମାଧ୍ୟମକୁ ସୁଦୃଢ଼ କରିବା ପାଇଁ ଆମକୁ ଆମର ମୂଳକୁ ଫେରିବାକୁ ପଡିବ ଏବଂ ଚାଂଚଲ୍ୟକର ତଥ୍ୟ ଦେବାସହ ସଠିକ୍ ସୂଚନା ଏବଂ ସଠିକ୍ ଶିକ୍ଷା ପ୍ରଦାନ କରିବା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ପ୍ରକୃତ ଏବଂ ତଥ୍ୟଭିତ୍ତିକ ସୂଚନାର ବାହକ ହୋଇ, ଗଣମାଧ୍ୟମ ଲୋକମାନଙ୍କୁ ସଠିକ୍ ବିଷୟବସ୍ତୁ ପାଇବାରେ ଏବଂ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ । ଆଜି ପ୍ରତିଯୋଗିତାର ଚକ୍ରରେ ଖବରକୁ ମସଲାଯୁକ୍ତ କରି, ଏହାର ମୂଳ ସଂରଚନା ପରିବର୍ନ୍ତେ, ଏହାକୁ ଏକ ନୂତନ ରୂପରେ ବିକୃତ କରାଯାଉଛି । ଏପରିକି ମନୋରନ ସାମଗ୍ରୀରେ ପରିଣତ କରାଯାଉଛି, ଯାହା ଫଳରେ ସେଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ପ୍ରେରଣା ଦେଇପାରୁ ନାହାଁନ୍ତି । ଗଣମାଧ୍ୟମ କେବଳ ଖବର ଭାବରେ ଖବରକୁ ଉପସ୍ଥାପନ କରିବା ଉଚିତ, ଯାହା ଦ୍ୱାରା ଏହା ପାଠକ କିମ୍ବା ଦର୍ଶକଙ୍କୁ ଚିନ୍ତା କରିବାକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରିବ ।ଗଣମାଧ୍ୟମ ହେଉଛି ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସେତୁ ଏହା ସତ୍ୟ ଯେ ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର, କିନ୍ତୁ ଏହାର ଭୂମିକା ଏତିକିରେ ସୀମିତ ନୁହେଁ । ସେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି । ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ ସେ ତାଙ୍କର ମତାମତ, ଆବଶ୍ୟକତା ଏବଂ ସମସ୍ୟା ସରକାରଙ୍କ ନିକଟରେ ପହଁଚାଇପାରିବେ ଏବଂ ଜନ କଲ୍ୟାଣ ନୀତି ପ୍ରଣୟନରେ ସରକାରଙ୍କ ମାର୍ଗଦର୍ଶକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିପାରିବେ । ସେହି ସମୟରେ ସେ ସରକାରଙ୍କ ପ୍ରସ୍ତାବିତ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିପାରିବେ । ଏହା ମଧ୍ୟ ଜରୁରୀ କାରଣ ଅନେକ ସମୟରେ ସରକାର ଯୋଜନା ଆରମ୍ଭ କରନ୍ତି, କିନ୍ତୁ ସେଗୁଡ଼ିକ ବିଷୟରେ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଁଚି ପାରେ ନାହିଁ ଏବଂ ଅଧିକାଂଶ ଲୋକ ଏହାର ଲାଭ ଉଠାଇବାରୁ ବଂଚିତ ହୁଅନ୍ତି । ଗଣମାଧ୍ୟମ ସିଧାସଳଖ ଜନସାଧାରଣଙ୍କ ସହିତ ଜଡିତ ହୋଇଥିବାରୁ, ଏକ ନିର୍ଦ୍ଦିଷ୍ଟ ଅଂଚଳ କିମ୍ବା ସମୁଦାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଗଣମାଧ୍ୟମରୁ ମିଳୁଥିବା ପରାମର୍ଶ ସରକାରଙ୍କୁ ଅଧିକ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ ।ଆଜି ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମର ପରିସରକୁ ଏତେ ବିସ୍ତାର କରିଛି ଯେ ଯେକୌଣସି ସୂଚନା କିମ୍ବା ଖବର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଖରେ ଗଣମାଧ୍ୟମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ପହଚିଂପାରୁଛି । ଏହି ସୁବିଧାକୁ ଏକ ଶକ୍ତିଶାଳୀ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟବହାର କରାଯାଇପାରିବ । ସାମାଜିକ ଗଣମାଧ୍ୟମ ସହିତ ମିଳିତ ଭାବରେ ଗଣମାଧ୍ୟମ ଏହି ଦିଗରେ ବୈପ୍ଳବୀକ ପରିବର୍ନ୍ତନ ଆଣିପାରିବ । ଆମକୁ କେବଳ ନିଶ୍ଚିତ କରିବାକୁ ପଡିବ ଯେ ଏପରି ସୂଚନା କେବଳ ସଠିକ୍ ଏବଂ ନିର୍ଭରଯୋଗ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରସାରିତ ହେବ ।

## ବିରାମ ଚିହ୍ନ !

ରସିକତା କରି କେତେକ ବିଶେଷଜ୍ଞ କହନ୍ତି ଯେ ଅସହ୍ୟ ଦାନ୍ତ ବିନ୍ଧା ଜର୍ଜର ଭୋଟରଗଣ ଅଗତ୍ୟା 'କନ୍‌ଜରଭେଟିଭ୍ ପାର୍ଟି'କୁ ବିତାଡ଼ିତ କରିଦେଲେ । ଏହି ସମୟରେ ଏକ ଧାରଣା ମଧ୍ୟ ସୃଷ୍ଟି ହେଲା ଯେ ୟୁ.କେ.ର ସର୍ବାଧିକ ଧନିକଙ୍କ ମଧ୍ୟରେ ଗଣା ସୁନକଙ୍କୁ ମଧ୍ୟବିନ୍ନଙ୍କ କଷଣ ଦିଶିଲା ନାହିଁ । ସୁତରାଂ, ବିଡ଼ମ୍ବନାଟି ହେଲା, ୨୦୧୯ ମସିହାରୁ ୨୦୨୪ ମସିହା ମଧ୍ୟରେ ନୂତନ ଅଧ୍ୟାୟ ସୃଷ୍ଟିର ଆଶା ବହନ କରି ଆସିଥିବା ଅନ୍ତିମ ତିନି ପ୍ରଧାନମନ୍ତ୍ରୀ କେବଳ ମାତ୍ର ତିନି 'ବିରାମ ଚିହ୍ନ' ଭଳି ହୋଇ ରହିଗଲେ । ଗଲା ୫ ତାରିଖରେ ପ୍ରକାଶିତ 'ୟୁନାଇଟେଡ୍ କିଙ୍ଗଡମ୍' ବା 'ୟୁ.କେ.'ର ନିର୍ବାଚନ ଫଳାଫଳକୁ ନିର୍ବିଘ୍ନରେ ଯୁଗାନ୍ତକାରୀ ବୋଲି ଅଭିହିତ କରିହେବ; କାରଣ ଏହା ସହିତ କ୍ରମାନ୍ୱୟେ ଚଉଦ ବର୍ଷ ଧରି କ୍ଷମତାସୀନ ଥିବା ରକ୍ଷଣଶୀଳ 'କନ୍‌ଜରଭେଟିଭ୍' (ପାର୍ଟି) ଯୁଗର ଅତ୍ୟନ୍ତ ନିର୍ମମ ଅନ୍ତ ଘଟିଛି; ଏବଂ ଅଳ୍ପ କିଛି ବର୍ଷ ପୂର୍ବେ ମୁମୂର୍ଷୁ ଭଳି ପ୍ରତୀୟମାନ ହେଉଥିବା 'ଲେବର ପାର୍ଟି' ଏକ ଅତିକାୟ ଲଂଫ ପ୍ରଦାନ କରି ୬୫୦ ଆସନ ବିଶିଷ୍ଟ ବ୍ରିଟିସ ପାର୍ଲାମେଂଟରେ ୪୧୧ଟି ଆସନ ସହିତ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଛି, ଯାହା ଦଳର ଇତିହାସରେ ବୃହତ୍ତମ ବିଜୟ ମଧ୍ୟରୁ ଗୋଟିଏ; ଏବଂ ମାତ୍ର ୧୨୦ଟି ଆସନ ଅକ୍ତିଆର କରି ପାରିଥିବା 'କନ୍‌ଜଭେଟିଭ୍' ପାର୍ଟି ବିଗତ ଶହେ ବର୍ଷର ଇତିହାସରେ ନିକୃଷ୍ଟତମ ପ୍ରଦର୍ଶନ କରିଛି । ଏପରିକି ଥରେ ପ୍ରଧାନମନ୍ତ୍ରୀ (ମାତ୍ର ୪୯ ଦିନ ସକାଶେ) ହୋଇଥିବା ଲିଜ୍ ଟ୍ରସ୍ ସ୍ୱୟଂ ପରାଜିତ ହେବା ସହିତ ଏହି ରାଷ୍ଟ୍ରର ଦୀର୍ଘ ଗଣତାନ୍ତ୍ରିକ ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ପରାଭବ ଲଭିବାର ପ୍ରଥମ ଦୃଷ୍ଟାନ୍ତ ମଧ୍ୟ ସ୍ଥାପିତ ହୋଇଯାଇଛି । ଅନେକ ଭାରତୀୟଙ୍କ ସକାଶେ ଯାହା ଅଧିକ ହତାଶାର କାରଣ ହୋଇଛି, ତାହା ହେଲା ଭାରତୀୟ ମୂଳୋଦ୍ଭବ ସନାତନୀ ହିନ୍ଦୁ ଋଷି ସୁନକ ପ୍ରଧାନମନ୍ତ୍ରୀ ଭାବେ ଗାଦିନସୀନ ଥିବା ବେଳେ ହିଁ ତାଙ୍କ ଦଳ ସଂପୂର୍ଣ୍ଣ ଭୂଲୁଣ୍ଠିତ ହୋଇଯାଇଛି । ଏଭଳି ସ୍ଥଳେ ଏକ ଭୂଚଳନ ସୁଲଭ ରାଜନୈତିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ସାଧାରଣ ନାଗରିକଙ୍କ ମତିଗତିକୁ ଠିକଣା ଭାବେ ଠଉରାଇ ପାରି ନ ଥିବା ଋଷି ସୁନକ ସହସା ଆଗୁଆ ନିର୍ବାଚନ କରାଇ ସରକାର ଏବଂ ଦଳର ପତନକୁ ଅଗତ୍ୟା ସହଳ କରି ଦେଲେ ଯାହା ! ଏହି ନିର୍ବାଚନରେ 'ଲେବର ପାର୍ଟି'ର ଭୋଟ ହାରରେ ମାତ୍ର ୨ ଶତାଂଶ ବୃଦ୍ଧି ଘଟିଥିବା ବେଳେ 'କନ୍‌ଜରଭେଟିଭ୍ ପାର୍ଟି'ର ଜନାଧାରରେ ୨୦ ଶତାଂଶ ହ୍ରାସ ଘଟିଛି, ଯାହାର ଅର୍ଥ 'କନ୍‌ଜରଭେଟିଭ୍ ପାର୍ଟି' ବିରୋଧରେ ତୀବ୍ର ଅସନ୍ତୋଷ ଏପରିକି ଆକ୍ରୋଶ ଅବଲୀଳା କ୍ରମେ 'ଲେବର ପାର୍ଟି'ର ଏଭଳି ବିପୁଳ ବିଜୟ ଘଟାଇଲା । ରାଜନୈତିକ ପର୍ଯ୍ୟବେକ୍ଷକମାନେ ଏଭଳି ସ୍ଥିତି ଲାଗି କେତେକ ନିର୍ଦ୍ଦିଷ୍ଟ କାରଣ ଆଡ଼କୁ ଇଙ୍ଗିତ କରନ୍ତି, ଯାହା ଗୋଟିକ ପରେ ଗୋଟିଏ ଘଟିଚାଲି 'ଡୋମିନୋ ଇଫେକ୍ଟ' ବା 'ଡୋମିନୋ ପ୍ରଭାବ'ରେ ପରିଦୃଷ୍ଟ ହେଉଥିବା ଭଳି 'କନ୍‌ଜରଭେଟିଭ୍ ପାର୍ଟି'କୁ ବସ୍ତୁତଃ ଏକ ଧ୍ୱଂସ ସ୍ତୂପରେ ପରିଣତ କରିଛି । ସେହି ଘଟଣାଗୁଡ଼ିକ ହେଲେ ଯଥାକ୍ରମେ 'ବ୍ରେକ୍‌ଜିଟ୍' (ୟୁରୋପୀୟ ସଂଘରୁ ବିଚ୍ଛିନ୍ନ ହେବାର ପ୍ରକରଣ) ଦ୍ୱାରା ଉତ୍ପନ୍ନ ଦୁଃସ୍ଥିତିର ମୁକାବିଲାରେ ସରକାରଙ୍କ ବିଫଳତା, ବ୍ରେକ୍‌ଜିଟ୍' ଜନିତ ମୁଦ୍ରାସ୍ଫୀତି, ନିମ୍ନ ଓ ମଧ୍ୟ ବିତ ଶ୍ରେଣୀରେ ରୋଜଗାର ସଂକୋଚନ ଏବଂ ବ୍ରିଟିସ ମୁଦ୍ରା ପାଉଣ୍ଡର ଭଗ୍ନ ସ୍ୱାସ୍ଥ୍ୟ କାରଣରୁ ଜାତ ଜନରୋଷ, କୋଭିଡ୍ ମହାମାରୀର ଗର୍ହିତ କୁପରିଚାଳନା ତଥା କୋଭିଡ୍ କାଳୀନ ଲକ୍‌ଡାଉନ୍ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ କେନ୍ଦ୍ର କରି ସୃଷ୍ଟ ଏକାଧିକ ସ୍କାଣ୍ଡାଲ୍, ପ୍ରାୟ ଭୁଶୁଡ଼ି ପଡ଼ିଥିବା ସରକାରୀ ସ୍ୱାସ୍ଥ୍ୟ ସେବା ଏବଂ ଦଳରେ ବିଶୃଙ୍ଖଳା ଓ କନ୍ଦଳ ଇତ୍ୟାଦି, ଯାହା ସାମଗ୍ରିକ ଭାବେ ସାଧାରଣ ନାଗରିକ ଓ ନିର୍ଦ୍ଦିଷ୍ଟ ଭାବେ ଦଳର ପାରଂପରିକ ସମର୍ଥକମାନଙ୍କୁ ରୁଷ୍ଟ କରିଥିଲା । ପ୍ରକାଶ ଥାଉ କି ୨୦୧୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୋନ୍‌ଙ୍କ ଦ୍ୱାରା ଆୟୋଜିତ 'ବ୍ରେକ୍‌ଜିଟ୍' ଭାଗ୍ୟ ନିର୍ଦ୍ଧାରଣକାରୀ 'ରେଫରେଣ୍ଡମ୍' ବା ଗଣ ଭୋଟରେ ଅତି ସୂକ୍ଷ୍ମ ବ୍ୟବଧାନରେ 'ବ୍ରେକ୍‌ଜିଟ୍'କୁ ସ୍ୱୀକୃତି ଏବଂ ତା' ସହିତ 'ବ୍ରେକ୍‌ଜିଟ୍'କୁ ବିରୋଧ କରୁଥିବା ପ୍ରଧାନମନ୍ତ୍ରୀ କାମେରୋନ୍‌ଙ୍କ ଇସ୍ତଫା ପ୍ରଦାନ ସହିତ ଦଳରେ ଯେଉଁ କ୍ରମ ସ୍ଖଳନର ନାଟକ ମଂଚସ୍ଥ ହୋଇଥିଲା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ଟିପିଡବ୍ଲୁଓଡିଏଲର ଖାମଖିଆଲି ନୀତି : ମାଟି ଉପରେ ମଣିଷ ମରା ଯନ୍ତା



ରାଉରକେଲା,୧୨/୭(ନି/ପ୍ର): ବେଦବ୍ୟାସ ବ୍ରାହ୍ମଣୀତରଙ୍ଗ ଥାନା ଅଧିନସ୍ଥ ରୋଡ କଡ଼ରେ ଥିବା ଏକ ଆପାର୍ଟମେଂଟ ପାଖରେ ଖୋଲା ମେଲାରେ ମାଟି ଉପରେ ଟାଟା ପାୱାର (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏକ ବିଜୁଳି ଟ୍ରାନ୍ସଫର୍ମର ଲଗା ଯାଇଛି । ଏଥିରେ ବିଦ୍ୟୁତ୍ ସରବରାହ ଅନବରତ ଚାଲୁଥିବା ବେଳେ, ଏହି ରାସ୍ତା ଦେଇ ଶହ ଶହ ଯାତ୍ରୀ ଯିବା ଆସିବା କରିବା ସହିତ ହଜାର ହଜାର ଗାଡ଼ି ମୋଟର ଯିବା ଆସିବା କରିଥାନ୍ତି । ରାସ୍ତା କଡ଼ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟାଟା ପାୱାର ବିଦ୍ୟୁତ ବିଭାଗ ଉଦାସୀନତା କାହିଁକି ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଅଂଚଳର ଜନସାଧାରଣ । ଏଥିସହିତ ଟ୍ରାନସଫର୍ମର ନିକଟରେ ଅନାବନା ଘାସ ଉଠିଛି, ଏହାକୁ ଖାଇବାକୁ ଆସି ପଶୁ ମୃତୁ ହେବାର ସମ୍ଭାବନା ରହିଛି । ଟିପିଡବ୍ଲୁଓଡିଏଲ୍ କର୍ମଚାରୀ ପ୍ରତିଦିନ ଏହି ରାସ୍ତା ଦେଇ ଯାଉଥିବା ବେଳେ, ସେମାନେ ଏହାକୁ ଅଣଦେଖା କରି ଚାଲିଯାଉଛନ୍ତି ।ଏପରି ପରିସ୍ଥିତିରେ କୌଣସି ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଲେ, ଏଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକମାନେ । ଟାଟା ପାୱାର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ୫୦୦ ମିଟର ଦୂରରେ ଥିବା ଅବହେଳିତ, ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ଟ୍ରାନ୍ସଫର୍ମର ମୃତ୍ୟୁର ଯନ୍ତା ପାଲଟିବ ନାହିଁତ । ଟ୍ରାନ୍ସଫର୍ମରକୁ ନେଇ ଟାଟା ପାୱାର ଦାୟିତ୍ୱରେ ଥିବା ଜୁନିୟର ଇଞ୍ଜିନିୟର ସୌମ୍ୟ ମହାପାତ୍ରଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ, ପ୍ରପୋଜାଲ ପଠାଯାଇଛି, ବର୍ତମାନ ଘାସଫାସ ଯାହା ଅଛି ତାକୁ ସଫା କରାଇଦେଉଛୁ । ପ୍ରପୋଜାଲ ପାସ ହୋଇ ଆସିଲେ ବାଉଣ୍ଡାରୀ ହେବ ।

# ରାଉରକେଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ: ସଭାପତି ହେଲେ ବିକାଶ ସିଂ




ରାଉରକେଲା,୧୨/୭(ନି/ପ୍ର): ଆଜି ୨୦୨୬-୨୭ ବର୍ଷ ପାଇଁ ରାଉରକେଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ଭୋଟର ୮୩ ଥିଲାବେଳେ ଭୋଟ ଦେଇଥିଲେ ୭୫ ଜଣ । ରାଉରକେଲା ଟ୍ରକ୍ ମାଲିକ ସଂଘର ସଭାପତି ଭାବେ ବିକାଶ ସିଂ ୪୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ରବୀନ୍ଦ୍ର କୁମାର ସିଂ ୩୩ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ସେହିପରି ଉପସଭାପତି ପଦ ପାଇଁ ସୂର୍ଯ୍ୟକାନ୍ତ ଶୁକ୍ଲା ଏବଂ ମୋହନ ସିଂ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ, ମୋହନ ସିଂ ୩୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ସୂର୍ଯ୍ୟକାନ୍ତ ଶୁକ୍ଲା ୩୫ ଖଣ୍ଡ ଭୋଟ ପାଇଛନ୍ତି । କାର୍ଯ୍ୟକାରୀ ସଭାପତି ପଦ ପାଇଁ ଶିବକାନ୍ତ ଶୁକ୍ଲା ଏବଂ ରାଜେଶ ବାଗ୍ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ, ରାଜେଶ ବାଗ୍ ୩୬ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଶିବକାନ୍ତ ଶୁକ୍ଲା ୩୨ ଖଣ୍ଡ ଭୋଟ ପାଇଥିଲେ । ସାଧାରଣ ସମ୍ପାଦକ ପଦ ପାଇଁ ଜଗଦୀଶ ଜୈସ୍ୱାଲ ଏବଂ ମନୋଜ କୁମାର ସିଂ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଜଗଦୀଶ ଜୈସ୍ୱାଲ ୪୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ମନୋଜ କୁମାର ସିଂ ୩୨ ଖଣ୍ଡ ଭୋଟ ପାଇଥିଲେ । ଯୁଗ୍ମ ସମ୍ପାଦକ ପଦ ପାଇଁ ଅଶୋକ କୁମାର ସାହୁ ଏବଂ ଦୀପକ କୁମାର ଯାଦବ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଅଶୋକ କୁମାର ସାହୁ ୪୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲା ବେଳେ, ଦୀପକ କୁମାର ଯାଦବ ୨୮ ଖଣ୍ଡ ଭୋଟ୍ ପାଇଥିଲେ । ରାଉରକେଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ଅଧିକାରୀ ଭାବରେ ଆଡଭୋକେଟ ଦିନେଶ କୁମାର ସାହୁ ନିର୍ବାଚନ ପରିଚାଳନା କରୁଥିବା ବେଳେ, ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ଆଡଭୋକେଟ୍ କେ. ରବି ନିର୍ବାଚନ ପରିଚାଳନା କରିଥିଲେ ।

# ଜଳ ପରିଚାଳନା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ସେଲ୍, ଆରଏସପି ଦ୍ୱାରା ଲାଗୁନ୍‌ରୁ ପଙ୍କ ଉଦ୍ଧାର କାର୍ଯ୍ୟ ଜାରି

ରାଉରକେଲା,୧୨/୭(ନି/ପ୍ର) :ସେଲ୍, ରାଉରକେଲା ଇସ୍ପାତ କାରଖାନା ଏହାର ଜଳ ପରିଚାଳନା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଲାଗୁନ୍‌ରୁ ପଙ୍କ ଉଦ୍ଧାର (ଡି-ସିଲ୍ଟିଂ) ସହିତ କ୍ଷତିଗ୍ରସ୍ତ ସ୍ଲୁଇସ୍ ଗେଟ୍‌ଗୁଡ଼ିକର ମରାମତି ଏବଂ ବଦଳାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଛି । ଏହି କାର୍ଯ୍ୟ ବର୍ତ୍ତମାନ ପ୍ରଗତିପଥରେ ଅଛି ଏବଂ ଆରଏସପି ର ଜଳ ପରିଚାଳନା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ କରାଯାଉଛି । ଲାଗୁନ୍‌ରୁ ପଙ୍କ ଉଦ୍ଧାର କରାଯିବା ଫଳରେ କାରଖାନାରୁ ନିଷ୍କାସିତ ହେଉଥିବା ବର୍ଜ୍ୟଜଳର ଗୁଣବତ୍ତା ବଜାୟ ରଖିବାରେ ଏହା ଯଥେଷ୍ଟ ସହାୟକ ହେବ । ଏହାଛଡ଼ା, ନବୀକରଣ କରାଯାଇଥିବା ସ୍ଲୁଇସ୍ ଗେଟ୍‌ଗୁଡ଼ିକର ପରିଚାଳନା, ଆବଶ୍ୟକ ସମୟରେ ମୌସୁମୀର ପ୍ରବଳ ବର୍ଷା ସମୟରେ କାରଖାନା ପରିସରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ରୋକିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା କାର୍ଯ୍ୟକ୍ଷେତ୍ରର ସୁରକ୍ଷା ଏବଂ ପ୍ରସ୍ତୁତି ଆହୁରି ବୃଦ୍ଧି ପାଇବ । ଏହି କାର୍ଯ୍ୟ ପାଇଁ ମେସର୍ସ ଏନବିସିସି କୁ ପ୍ରାୟ ୪.୭୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳରେ କାର୍ଯ୍ୟାଦେଶ (ୱର୍କ ଅର୍ଡର) ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ପରିସର ମଧ୍ୟରେ ୧,୨୭,୫୦,୦ ଘନ ମିଟର ପଙ୍କ (ସ୍ଲଜ୍) ଅପସାରଣ, ୮୦,୦୦୦ ବର୍ଗ ମିଟର ଅଂଚଳରେ ଥିବା ଜଙ୍ଗଲି ଗଛଲତା ସଫା ଓ ଅପସାରଣ ଏବଂ ତିନୋଟି କ୍ଷତିଗ୍ରସ୍ତ ସ୍ଲୁଇସ୍ ଗେଟ୍ ବଦଳାଇବା ସାମିଲ ରହିଛି ।



# ଓଡ଼ିଶାରେ ସ୍ୱଳ୍ପ-କାର୍ବନ ନିର୍ମାଣ ପାଇଁ ସେଂଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୨/୭(ନି/ପ୍ର): ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ-ସହନଶୀଳ ଭିତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ,ଶନିବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ 'ସେଂଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍ସଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଂଟ' ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ ଏକାଡେମୀ , ଆଇଆଇଟି ଭୁବନେଶ୍ୱର ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସର ସିଇଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ,ସହରୀ ବିକାଶ କେବଳ ଭୌତିକ ଭିତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତିଭୂମି ଏବଂ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ । ଏହି 'ସେଂଟର ଅଫ୍ ଏକ୍ସଲେନ୍ସ'କୁ ଏକ ପରିବର୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ପାଇଁ ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ସାଜିବ । ଏହାର ପ୍ରଥମ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏହି ସେଂଟର ଅଫ୍ ଏକ୍ସଲେନ୍ସ ଦ୍ରୁତ ଗତିରେ ସହରୀକରଣ ହେଉଥିବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ ଏବଂ ପିପିଲି କ୍ଲଷ୍ଟର ପାଇଁ 'ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା' ପରିଚାଳନା ନିମନ୍ତେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିବ ।

# ଖାଦ୍ୟ ପରିବେଷଣରେ ବିଳମ୍ବ ହେବାରୁ ସ୍ୱାମୀର ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ



ରାଉରକେଲା,୧୨/୭(ନି/ପ୍ର): ସହରର ରଘୁନାଥପାଲ୍ଲୀ ଥାନା ସୀମା ଅନ୍ତର୍ଗତ ଲେବର ଟେନାମେଂଟ କମ୍ୟୁନିଟି ହଲ୍ ନିକଟସ୍ଥ ନେତାଜୀ ନଗର ପାହାଡ଼ ଉପର ବସ୍ତିରେ ଶନିବାର ବିଳମ୍ବିତ ରାତିରେ ଏକ ଘରୋଇ ହିଂସା ହତ୍ୟାର ରୂପ ନେଇଥିଲା । ଖାଦ୍ୟ ଦେବାରେ ବିଳମ୍ବ ଯୋଗୁଁ ହତ୍ୟା ଏକ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ସହରରେ ଚର୍ଚ୍ଚା ହେଉଛି । ପ୍ରାଥମିକ ସୂଚନା ଅନୁସାରେ, ଝାଡ଼ଖଣ୍ଡର ସୁନୀତା ବିଲୁଙ୍ଗଙ୍କୁ ତାଙ୍କ ସ୍ୱାମୀ ଅଭିଯୁକ୍ତ ସଞ୍ଜୟ ବିଲୁଙ୍ଗ୍ ଘରୋଇ ବିବାଦରୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ସଞ୍ଜୟ ବିଲୁଙ୍ଗ୍ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରିଥିବା ବେଳେ, ତାଙ୍କୁ ତାଙ୍କ ସ୍ତ୍ରୀ ସୁନୀତା ଖାଇବାକୁ ଦେବାର ବିଳମ୍ବ ହେବାରୁ, ସେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ । ଝଗଡ଼ା ସମୟରେ, ଅଭିଯୁକ୍ତ ସଞ୍ଜୟ ତାଙ୍କ ସ୍ତ୍ରୀଙ୍କୁ ଏକ ଭଙ୍ଗା ଟାଇଲ୍ ସାହାଯ୍ୟରେ ଆକ୍ରମଣ କରିଥିଲେ । ଫଳରେ ସୁନୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଘଟଣା ଘଟିବା ପରେ, ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲା । ସର୍ବଶେଷ ସୂଚନା ଅନୁସାରେ ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନିଆଯାଇଛି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ସରକାରୀ ସ୍ପଷ୍ଟିକରଣକୁ ଅପେକ୍ଷା କରାଯାଇଛି । ସୂଚନା ପାଇ ରଘୁନାଥପାଲ୍ଲୀ ଥାନାର ଏକ ପୋଲିସ୍ ଦଳ, ଫୋରେନସିକ୍ ଦଳ ସହିତ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ପାନପୋଷ ଏସଡିପିଓ ସୁଶାନ୍ତ କୁମାର ଦାସ ଘଟଣାସ୍ଥଳରେ ପହଂଚି ମାମଲାର ତଦନ୍ତ କରିଥିଲେ । ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି । ମୃତକଙ୍କ ପରିବାରରେ ଦୁଇଟି ଛୋଟ ପିଲା ଅଛନ୍ତି । ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୁଃଖ ସୃଷ୍ଟି କରିଛି । ସ୍ଥାନୀୟ ଲୋକମାନେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି । ପ୍ରାଥମିକ ତଦନ୍ତ ପରେ ପୋଲିସ୍ ପକ୍ଷରୁ ଏକ ସରକାରୀ ବିବୃତି ଜାରି କରାଯିବ ବୋଲି ଆଶା କରାଯାଉଛି ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

ରାଉରକେଲା,୧୨/୭(ନି/ପ୍ର): ରାଉରକେଲା ସରକାରୀ ହସ୍ପିଟାଲରେ ରକ୍ତର ଅଭାବକୁ ନଜର ରଖି ରାଉରକେଲା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକଙ୍କ ଅନୁମତି କ୍ରମେ ଆଜି ବିଜୁ ଛାତ୍ର ଜନତା ଦଳ ରାଉରକେଲା ସାଙ୍ଗଠନିକ ଜିଲ୍ଲା ଛାତ୍ର ସଭାପତି ସଙ୍ଗୀତ ଛୋଟରାୟଙ୍କ ନେତୃତ୍ୱରେ ଦେଓଗାଁରେ ୨୦ୟୁନିଟ ରକ୍ତ ସଂଗ୍ରହ କରାଯାଇ ରାଉରକେଲା ସରକାରୀ ଚିକିତ୍ସାଳୟକୁ ହସ୍ତାନ୍ତର କରି ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇଛି । ଉକ୍ତ କାଯ୍ୟକ୍ରମକୁ ଦେଓଗାଁର ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପାତ୍ର ଓ ୱାର୍ଡ ସଭାପତି ବଳଦେବ ସିଂ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ । ଉକ୍ତ କାଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ଯୁବ ସଭାପତି ପିଙ୍କୁ ଯାଇଶ୍ୱାଳ, ମହିଳା ସଭାପତି ସନ୍ଧ୍ୟା ଲାକ୍ରା, ବିଭୁତି ପୁହାଣ,ବିରେନ ସେନାପତି, ସୁବାଷ ସ୍ୱାଇଁ, ବାଇନ ସାମଲ, ଗୟା ରଣା, ବିଜୟ ସାହୁ,ପ୍ରକାଶ ଧଳ,ଦୁଷ୍ମନ୍ତ ରାଉତରାୟ,ସାବିତ୍ରୀ ସାହୁ, ସୁକାନ୍ତି, ବିକାଶ ବାରିକ, ଶେଖର ଦାସ, ରିଷି ପ୍ରଧାନ, ସୋନୁ ଗୌଡ଼, ତପୁ, ରୋହିତ ଦେହୁରୀ, ଦିପୁ, ଗୋବିନ୍ଦ, ସୁନୀଲ, ବଟି ସିଂ, ରୋହିତ ତିୱାରୀ, ନିର୍ଭୟ, ରାହୁଲ ଆଚରି , କର୍ଣ୍ଣ ସେଠି ,ପିଟୁଂ ପଣ୍ଡା,ସୁନନ୍ଦ ବେହେରା, ସନ୍ତୋଷ, ଉପସ୍ଥିତ ରହି କାଯ୍ୟକ୍ରମକୁ ସଫଳ କରିଥିଲେ ।



# ଚଳନ୍ତା ବସରୁ ପଡ଼ି ଯୁବକଙ୍କ ମୃତ୍ୟୁ : ବୀରମିତ୍ରପୁରରେ ଉତେଜନା



ବୀରମିତ୍ରପୁର,୧୨/୭(ନି/ପ୍ର): ଚଳନ୍ତା ବସରୁ ପଡି ଶନିବାର ବୀରମିତ୍ରପୁରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଡ୍ୟୁଟିରୁ ଫେରୁଥିବା ବେଳେ କାରଖାନା କର୍ମଚାରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କ ଅବହେଳା ଅଭିଯୋଗ କରି ବୀରମିତ୍ରପୁର ଉତେଜନା ପ୍ରକାଶ ପାଇଥିଲା । ପୋଲିସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି । ସୂଚନା ଅନୁସାରେ ଆଜି ଶନିବାର ଭୋର ସମୟରେ ବୀରମିତ୍ରପୁର ବସ୍ ଷ୍ଟାଣ୍ଡ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଅଚଂଳରେ ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ନାମ ବୀରମିତ୍ରପୁରର ବନ୍ଧମୁଣ୍ଡା ଦଫାଇର ବାସିନ୍ଦା ଅନିଲ ଏକ୍କା ବୋଲି ଚିହ୍ନଟ କରାଯାଇଛି । ପ୍ରାଥମିକ ସୂଚନା ଅନୁସାରେ ଅନିଲ ଏକ୍କା କଳୁଙ୍ଗା ଶିଳ୍ପାଚଂଳ (ଆଇଡିସି)ର ଏକ କାରଖାନାରେ କାମ କରୁଥିଲେ । ଶନିବାର ଭୋର ସମୟରେ ଡ୍ୟୁଟି ଶେଷ କରିବା ପରେ, ସେ ରାଉରକେଲାରୁ ଏକ ଯାତ୍ରୀବାହୀ ବସ୍ ଯୋଗେ ବେଦବ୍ୟାସରୁ ଘରକୁ ଫେରୁଥିଲେ । ଯେତେବେଳେ ବସଟି ସକାଳ ପ୍ରାୟ ୫ଟା ୩୦ରେ ବୀରମିତ୍ରପୁର ବସ୍ ଷ୍ଟାଣ୍ଡ ନିକଟରେ ପହଚିଂଥିଲା ଏବଂ ଅନିଲ ଓହ୍ଲାଇବା ସମୟରେ ଡ୍ରାଇଭର ବସର ଗତି ବଢ଼ାଇ ଦେଇଥିଲେ । ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ ବୋଲି ଅଭିଯୋଗ ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଦୁର୍ଘଟଣା ବିଷୟରେ ଅବଗତ ହେବା ସତ୍ତ୍ୱେ, ଡ୍ରାଇଭର ଏବଂ କଣ୍ଡକ୍ଟର ବସ୍ ଅଟକାଇ ଆହତଙ୍କୁ ସହାୟତା ନ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ । ବହୁତ ବିଳମ୍ବ ପରେ, ସ୍ଥାନୀୟ ଲୋକମାନେ ଆହତ ଅନିଲଙ୍କୁ ଦେଖିଥିଲେ । ଅନିଲଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପାଇଁ ମୃତକଙ୍କ ପରିବାର ଗଭୀର କ୍ରୋଧିତ ହୋଇଥିଲେ । ପରିବାରର ଅଭିଯୋଗ ଆଧାରରେ, ବୀରମିତ୍ରପୁର ପୋଲିସ ଦୁର୍ଘଟଣା ପାଇଁ ଦାୟୀ ବସକୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରାଯାଇଛି । ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ତଦନ୍ତ ଆଧାରରେ ଦୋଷୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଆରଏସପିର ଶକ୍ତି ପରିଚାଳନା ବିଭାଗ ଦ୍ୱାରା ପ୍ରଥମ ଥର ପାଇଁ ଗ୍ୟାସ୍ ମିକ୍ସିଂ ଟ୍ୟାଙ୍କର ସଫଳ ପ୍ରତିବଦଳ



ରାଉରକେଲା,୧୨/୭(ନି/ପ୍ର): ରକ୍ଷଣାବେକ୍ଷଣ କ୍ଷେତ୍ରରେ ଏକ ପ୍ରମୁଖ ଉପଲବ୍ଧି ରୂପେ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଶକ୍ତି ପରିଚାଳନା ବିଭାଗ (ଇଏମଡି), ସିସିଡି ଅଂଚଳରେ ଏକ ଗ୍ୟାସ୍ ମିକ୍ସିଂ ଟ୍ୟାଙ୍କ (ଜି ଏମ ଟି )ର ପ୍ରତିବଦଳ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଛି, ଯାହାକି କାରଖାନା ପ୍ରତିଷ୍ଠା ହେବା ପରେ ଏଭଳି ପ୍ରଥମ ପ୍ରତିବଦଳ ଅଟେ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଜୁଲାଇ ପ୍ରଥମ ସପ୍ତାହରେ ସମାପନ କରାଯାଇଥିଲା ଏବଂ ଜୁଲାଇ ୯ ତାରିଖରେ ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଇଏମଡିର ଭାରପ୍ରାପ୍ତ ମହାପ୍ରବନ୍ଧକ ଶ୍ରୀ ଏ. ଏସ. ଖାଖାଙ୍କ ଦ୍ୱାରା ଏହା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହିଗ୍ୟାସ୍ ମିକ୍ସିଂ ଟ୍ୟାଙ୍କ କାରଖାନାର ଗ୍ୟାସ୍ ବିତରଣ ନେଟୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଏହା ବ୍ଲାଷ୍ଟ ଫର୍ଣ୍ଣେସ୍ , କୋକ୍ ଓଭେନ୍ ଏବଂ ଏଲଡି ରୁ ତିନୋଟି ମୁଖ୍ୟ ବାଇ-ପ୍ରଡକ୍ଟ (ଉପ-ଉତ୍ପାଦ) ଇନ୍ଧନ ଗ୍ୟାସ୍ ଗ୍ରହଣ କରିଥାଏ ଏବଂ ସେଗୁଡ଼ିକୁ ଆବଶ୍ୟକୀୟ ଅନୁପାତରେ ମିଶ୍ରଣ କରି ଗ୍ୟାସ୍ ବୁଷ୍ଟର୍ ମାଧ୍ୟମରେ ଅନ୍ୟ ବ୍ୟବହାରକାରୀଙ୍କୁ ମିଶ୍ରିତ ଗ୍ୟାସ୍ ଯୋଗାଇଥାଏ । ସିସିଡି ଅଂଚଳରେ ଦୁଇଟି ଜିଏମଟି ରହିଛି । ନୂତନ ଭାବେ ପ୍ରତିସ୍ଥାପିତ ଉକ୍ତ ଟ୍ୟାଙ୍କ ତିନୋଟି ଗ୍ୟାସ୍ ବୁଷ୍ଟର୍ ବିଶିଷ୍ଟ ଏକ ସିଷ୍ଟମକୁ ଗ୍ୟାସ୍ ଯୋଗାଉଥିବା ବେଳେ ଅନ୍ୟ ଟ୍ୟାଙ୍କଟି ଦୁଇଟି ବୁଷ୍ଟରକୁ ସେବା ଯୋଗାଉଛି, ଯାହା ଏହି ପ୍ରତିସ୍ଥାପିତ ସଂରଚନାର ରଣନୀତିକ ଗୁରୁତ୍ୱକୁ ଦର୍ଶାଉଛି । ଗ୍ୟାସଗୁଡ଼ିକର ପ୍ରକୃତି ଏବଂ ଏହି ସିଷ୍ଟମର ଜଟିଳତା ହେତୁ ଏହି ପ୍ରତିସ୍ଥାପନ କାର୍ଯ୍ୟ ବିଶେଷ ଭାବେ ଆହ୍ୱାନପୂର୍ଣ୍ଣ ଏବଂ ବିପଦପୂର୍ଣ୍ଣ ଥିଲା । କାରଖାନା ପରିଚାଳନାରେ ବ୍ୟାଘାତକୁ ସର୍ବନିମ୍ନ କରିବା ପାଇଁ ନ୍ୟୁ ପ୍ଲେଟ୍ ମିଲ୍‌ର କ୍ୟାପିଟାଲ୍ ସଟଡାଉନ୍ ସମୟରେ ଏହି କାର୍ଯ୍ୟକଳାପ ସମ୍ପାଦନ କରାଯାଇଥିଲା । ଇଏମଡିର ମହାପ୍ରବନ୍ଧକ ଶ୍ରୀ କେ. କେ. ବାର୍ଲା ସମଗ୍ର ପ୍ରକଳ୍ପ କାର୍ଯ୍ୟର ସମନ୍ୱୟ ରକ୍ଷା କରିଥିବା ବେଳେ ଇଏମଡିର ଉପ ମହାପ୍ରବନ୍ଧକ ଏବଂ ବିଭାଗୀୟ ସୁରକ୍ଷା ଅଧିକାରୀ ଶ୍ରୀ ବି. ପି. ପାଣ୍ଡେ ସମସ୍ତ ସୁରକ୍ଷା ସମ୍ବନ୍ଧୀୟ ଦିଗଗୁଡ଼ିକର ତଦାରଖ କରିଥିଲେ । ଏହି ସଫଳ ପ୍ରତିସ୍ଥାପନ ଇଏମଡି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସଫଳତାକୁ ଚିହ୍ନିତ କରୁଛି ଏବଂ ଏକ ବିଶ୍ୱସନୀୟ ତଥା ଦକ୍ଷ ଗ୍ୟାସ୍ ବିତରଣ ବ୍ୟବସ୍ଥା ବଜାୟ ରଖିବା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।

# ପିତଳ ବାଳିକା ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନ

ଗଞ୍ଜାମ,୧୨/୭(ନି/ପ୍ର) : ଶେରଗଡ ବ୍ଲକର ପିତଳ ବାଳିକା ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡାକ୍ତର ହୃଷୀକେଶ ମହାନ୍ତି ଅଧକ୍ଷତା କରିଥିଲେ । ପ୍ରଥମେ ଡାକ୍ତର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏଥିରେ ଛଅଜଣ ମହିଳା, ୫ଜଣ ପୁରୁଷ ଅଭିଭାବକ ଓ ଅଭିଭାବିକା କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ସଦସ୍ୟ ସଦସ୍ୟାମାନେ ହେଲେ ଉଷାରାଣୀ ନାୟକ,ସୁଦେଷ୍ଣା ମହାନ୍ତି, ପୂର୍ଣ୍ଣମାସୀ ପାତ୍ର, ସୁନୀତା ଜେନା, ଲିଲି ବେହେରା, ପ୍ରମିଳା ସାହୁ, ସଚୀଦାନନ୍ଦ ସାହୁ, ଟୁନା ସେଠୀ, ଅନାଦିନିରଞ୍ଜନ ଡାକୁଆ, ଆର୍ କୃଷ୍ଣାରାଓ, ଅରୁଣ ବେହେରା କ୍ଷ ଏତତ ବ୍ୟତିତ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତି ଦାଶ, ସହକାରୀ ଶିକ୍ଷୟିତ୍ରୀ ଏନ୍ ରେଖା, ଅଙ୍ଗନବାଡି କର୍ମୀ ସୁଶ୍ରୀ ପୁଷ୍ପାଞ୍ଜଳି ପଣ୍ଡା, ୱାର୍ଡସଭ୍ୟା ସୁଦେଷ୍ଣା ପଟ୍ଟନାୟକ ପ୍ରମୁଖ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ।